www.historyofodisha.in

# ଚିଲିକା

www.historyofodisha.in

# ଉତ୍ସର୍ଗ

ଉତ୍କଳତିଳକ, ଅଖିଳଗୁଣନିକେତନ, ଦିନକର-କୁଳଚନ୍ଦ୍ର
ଶ୍ରୀଯୁକ୍ତ ମହାରାଜ ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେବ ମହୋଦୟ
ଶ୍ରୀଚରଣକମଳେଷୁ ।

ସବିନୟ ନିବେଦନମିଦଂ

ଶ୍ରୀମାନ୍ ମହାରାଜ,

କଟକରେ ଅବସ୍ଥାନ ସମୟରେ ସଦୟ ବ୍ୟବହାରଦ୍ୱାରା ଆପଣ ଏ ସେବକକୁ ଅନେକ ଥର ଆପ୍ୟାୟିତ କରିଥିଲେ । ବର୍ତ୍ତମାନ ଦୂରରେ ଥାଇ ଏବଂ ବୃହତ୍ ରାଜ୍ୟର ଭାର ବହନ କରି ସୁଦ୍ଧା ସମୟ ସମୟରେ ମାଦୃଶ ସାମାନ୍ୟ ଲୋକର ତତ୍ତ୍ୱ ନେଇଥାନ୍ତି । ହୃଦୟର ଭକ୍ତି ଏବଂ କୃତଜ୍ଞତା ପ୍ରଦର୍ଶନ ବ୍ୟତୀତ ଅସାଧାରଣ ଅନୁକମ୍ପାର ଅନ୍ୟ କୌଣସି ପ୍ରତିଦାନ ମାଦୃଶ ଦୁଃସ୍ଥ ଜନ ପକ୍ଷରେ ସମ୍ଭବପର ନୁହେ । ଶ୍ରୀମୁଖଙ୍କ ପ୍ରଦତ୍ତ ଉତ୍ସାହରେ ଉତ୍ସାହିତ ହୋଇ ମୋହର ପିତା ମହାଶୟ ଏହି କ୍ଷୁଦ୍ର କାବ୍ୟ ପ୍ରଣୟନ କରିଥିଲେ । ସୂର୍ଯ୍ୟ-କର-ବିକସିତ ଅରବିନ୍ଦଦ୍ୱାରା ଲୋକେ ଯେମନ୍ତ ସୂର୍ଯ୍ୟଙ୍କର ଅର୍ଚ୍ଚନା କରନ୍ତି, ମୁଁ ଏହି କାବ୍ୟକୁସୁମଦ୍ୱାରା ଶ୍ରୀମୁଖଙ୍କର ଚରଣାର୍ଚ୍ଚନା କଲି । ମୋହର ସମ୍ପୂର୍ଣ୍ଣ ଆଶା ଅଛି ଯେ ସ୍ୱକୀୟ ଅସାଧାରଣ ମହାନୁଭବତା ଯୋଗୁଁ ଆପଣ ମୋହର ବାଲ୍ୟକାଳରୁ ମୋହୋ-ପ୍ରତି ଯେପରି ଦୟା ପ୍ରଦର୍ଶନ କରି ଆସୁଅଛନ୍ତି, ମୁଁ ଆଜୀବନ ସେହି ଦୟାରୁ ବଞ୍ଚିତ ହେବି ନାହିଁ ।

କଟକ
୨୯—୫—୯୨

ଶ୍ରୀମୁଖଙ୍କର
ବିନୟାବନତ, ଆଶ୍ରିତ
ସେବକ
ଶ୍ରୀ ଶଶିଭୂଷଣ ରାୟ

www.historyofodisha.in



# ଚିଲିକା

ଉତ୍କଳ-କମଳା-ବିଳାସ-ଦୀର୍ଘିକା,
ମରାଳମାଳିନୀ ନୀଳାମ୍ବୁ ଚିଲିକା,
ଉତ୍କଳର ତୁହି ଚାରୁ ଅଳଙ୍କାର,
ଉତ୍କଳଭୁବନେ ଶୋଭାର ଭଣ୍ଡାର,
ସ୍ୱଭାବେ ଭାବୁକ-ମାନସ-ଉଲ୍ଲାସୀ,
ଦିଗନ୍ତ- ବିସ୍ତାରୀ ତୋର ବାରିରାଶି,
ପ୍ରସନ୍ନବଦନା ଉଜ୍ଜ୍ୱଳବରଣା,
ମୁଖଶ୍ରୀ ଦେଖନ୍ତୁ ଯହିଁ ଦିଗଙ୍ଗନା,
ନୀଳ ଅଙ୍ଗ ତୋର ଚାରୁ ଅନ୍ତରାଳେ
ନାସି, ନଳବନ, ଦ୍ୱୀପ ଶୈଳ, ଦ୍ୱୀପମାଳେ,
ଦକ୍ଷିଣେ ମିଶିଛି ତୋର ଗର୍ଭେ ଆସି
ସୌରକରେ ଭାସୀ ନୀଳ ରମ୍ଭାନାସି, (୧)
ବିମାନ ଆକାରେ ଭାସେ ଶତ ଶତ
ନୀଳୋରସେ ତୋର ଶୈଳ ମାରକତ,
ପକ୍ଷଛେଦି-ଶଙ୍କ-ଭୟେ କି ଶଇଳେ
ଲୁଚି ରହିଥିଲେ ତୋହର ସଲିଳେ ?
ସନ୍ନିଧି ଲଭିଣ ଭଗବତୀଙ୍କର (୨)
ଦୋଳିଚ୍ଛକ ଗୁଳ୍ମ-ଜଟିଳ ଶିଖର ?
ଦେଉଳବିଶ୍ରୀଷ୍ଟୀ କାଳୀଜାଈ ଗିରି, (୩)
ମହକତ ସେତୁ ପ୍ରାୟେ ଯାର ଶିରୀ,
ଶ୍ୱେତାଙ୍ଗ ଚଢ଼ାଇଗୁହା (୪) ସମୁଦ୍‌ଗତ,
ନୀର ଭେଦ କରା ଉଠେ ବୀରବତ ?
ତରଙ୍ଗବେଷ୍ଟିତ କାଙ୍କଣଶିଖରୀ, (୫)
ଆଦ୍ୟଫଳେ ଯାର ତଣ୍ଠ ପୂର୍ଣ୍ଣ କରି

ବର୍ଷେ ବର୍ଷେ ହ୍ରଦବିହାରୀ ଧୀବରେ
ଆଦରେ ପ୍ରେରନ୍ତି ଲକ୍ଷ୍ମୀ-ଦେବାଳୟରେ,
ସ୍ଥାନେ ସ୍ଥାନେ ନୀର ଭେଦିଛି ସୈକତ
ଶାରଦ ଆକାଶେ ଯେସନ୍ତେ ଛାୟାପଥ,
ତାରାପୁଞ୍ଜେ ଯଥା ଶୋଭେ ହଂସାଳୀ
ପୁଳିନ ତେସନ ଶୁଭ୍ର-ଶୁକ୍ତି-ଶାଳୀ,
ଚାରୁ ଘାଟ ତୋର ଶୋଭାର ଆଶ୍ରମ;
ଶୈଳ, ଟଙ୍କ, ବନେ ମଧୁର ବିଭ୍ରମ,
ଗିରିଖୋଲ, ନାସି, କାନ୍ତାର, କନ୍ଦର,
ସୁରମ୍ୟ ତଟିମା ଜନମନୋହର,
ବିକଟ ସଙ୍କଟ ତୁଙ୍ଗ ଶୈଳସାନୁ,
ଗତପଥେ ଯାହା ପରଶନ୍ତି ଭାନୁ,
ନୀଳଗଣ୍ଡ ଯାର ଗମ୍ଭୀର ବିବର
ଫଣିପତି-ଫଣା-ମଣିରେ ଭାସ୍ୱର,
ଭଗ୍ନ ଦୁର୍ଗ, ଜରାଜୀର୍ଣ୍ଣ ଦେଉଳ
ଶୈବାଳ-ଅରଣ୍ୟ ଲତା-ଗୁଳ୍ମାକୁଳ,
ମୂର୍ତ୍ତିମନ୍ତ ହୋଇ ଭବଭଙ୍ଗୁରତା
ପ୍ରତିଧ୍ୱନିଚ୍ଛଳେ କହେ ଯହିଁ କଥା,
କୁରଙ୍ଗ-କୁରଙ୍ଗୀ-ଚିର-କ୍ରୀଡ଼ାସ୍ଥଳ
ନବଦୂର୍ବାଦଳ-ଶ୍ୟାମଳ ଶାଦ୍ୱଳ,
ବିଶାଳ ପୁଳିନ ମନୋମୋହକର,
ମରୀଚିକା ଯାର ଚିର ସହଚର,
ଦ୍ୱୀପମାଳା ଶସ୍ୟ ହରିତାୟମାନ,
ଏମାନେ ତୋହର ଶୋଭା-ଉପାଦାନ,

(୧) ରମ୍ଭା ଗଞ୍ଜାମ ଅନ୍ତର୍ଭୁକ୍ତ ସ୍ୱନାମପ୍ରସିଦ୍ଧ ପର୍ବତ । (୨) ଚିଲିକାତୀରସ୍ଥ ବାଣପୁରରେ ଶ୍ରୀଭଗବତୀ ଦେବୀଙ୍କ ମନ୍ଦିର ଅଛି । (୩) କାଳୀଜାଈ—ଚିଲିକା ମଧ୍ୟସ୍ଥିତ ପର୍ବତ । ଏହି ପର୍ବତ-ଶୃଙ୍ଗରେ ପାରିକୁଦ-ରାଜାଙ୍କ ପ୍ରତିଷ୍ଠିତ କାଳୀଜାଈ ଦେବୀଙ୍କ ମନ୍ଦିର ଅଛି । (୪) ଚିଲିକାନୀରୋଦ୍‌ଗତ ଶ୍ୱେତବର୍ଣ୍ଣ ଶୈଳ । (୫) ଚିଲିକା-ମଧ୍ୟସ୍ଥିତ ସ୍ୱନାମପ୍ରସିଦ୍ଧ ପର୍ବତ । **ଏଠାରେ ଅପର୍ଯ୍ୟାପ୍ତ କାଙ୍କଣଫଳ ଜାତ ହୁଏ ।**

www.historyofodisha.in

www.historyofodisha.in



ଏତେ ଛବି ଯେଣୁ ଏକାଧାରେ ଠୁଳ
ଛବିଳ ଉତ୍କଳେ ତୋ ଛବି ଅତୁଳ ।
ବହୁଦିନ ଭ୍ରମି ଭ୍ରମି ଅବିରତେ
ଦେଖିଲଇଁ ନାନାସ୍ଥାନ ଭୂଭାରତେ ,
କି ଉତ୍ତରାଖଣ୍ଡ କି ଦକ୍ଷିଣାପଥ
ଭ୍ରମିଲି ମୁଁ ଭାଗ୍ୟବଶେ ଚକ୍ରବତ,
ଭାରତର ଉତ୍ତ-ସୀମନ୍ତ-ଅଚଳ
ଦେଖିଲି ହିମାଦ୍ରି ହିମ-ଉର୍ଜ୍ଜ୍ୱଳ,
ପାଦେ କୋଟି କୋଟି ଶିଖରିସମାଜ,
ସବୋଚ୍ଚେ ଶୋଭନ୍ତି ଶୁଭ୍ର ଶୈଳରାଜ,
ଶୃଙ୍ଗୋପରି ଶୃଙ୍ଗ—ଶୃଙ୍ଗ ତଦୁପରି
ନୀଳ ବ୍ୟୋମପଟେ ଚିତ୍ର ହେଲା ପରି,
ନୀହାର-ମୁକୁଟେ ମସ୍ତକ ମଣ୍ଡିତ
ସ୍କନ୍ଧେ ଶୋଭେ ଶୁଭ୍ର ଗଙ୍ଗା-ଉପବୀତ,
ନିସ୍ତବ୍ଧ ନୀରବ ସେ ମହାବିଜନେ
ସନାତନ ଶ୍ୱେତ ତୁଷାର-ଆସନେ
ବ୍ୟୋମକେଶ-ମୂର୍ତ୍ତି ଦେଖିଲି ଚମକି,
ପଡ଼ିଲା ସେ ରୂପେ ଚିତ୍ତବୃତ୍ତି ଥକି,
ମନେ ମନେ କହି ନମିଲି ନୀରବେ
"ନମୋ ଦେବାତ୍ମନେ ଶ୍ରୀଗୌରୀଗୁରବେ !"
ରାଜସ୍ଥାନେ ଭ୍ରମି ଭୀମ-ମରୁସ୍ଥଳୀ
ଦେଖିଲି ଭୀଷଣ ରୁକ୍ଷ ଶୈଳାବଳୀ,
ନୀର-ତରୁ-ହୀନ, ବନ୍ଧୁର, କର୍କଶ,
କରାଳ ଯେସନ କାଳ ସର୍ବଂକଷ;
ଚଣ୍ଡାଂଶୁ-କିରଣେ ଖର ଅଗ୍ନିମୟ,
ଦଗ୍ଧଶାଖି-ଶ୍ରେଣି ଶ୍ମଶାନ ସଦୃଶମୟ,
ତପ୍ତ-ବାୟୁ ଯହିଁ ପ୍ରଚଣ୍ଡେ ସଞ୍ଚରି
ପାନ୍ଥ ଆୟୁ ନିଏ ପ୍ରତିପଦେ ହରି,
ଗୁମ୍ଫାଦ୍ୱାରେ ବସି ଯହିଁ ନାଗଫେଣୀ,
ନୀରବାନେ ଶୁଣି ମରୀଚିକା-ବେଣୀ,

ତୃଷାତୁର ଯୋଗୀ ଗୁମ୍ଫେ ଯଥା ବସି
ସ୍ମରେ କମଳିନୀ ହରିତ ସରସୀ,
ସେହି ରୁକ୍ଷ ଦୃଶ୍ୟେ ସ୍ନିଗ୍ଧ-ଛବି ତୋର
ନେତ୍ରାନ୍ତେ ସ୍ମୃତି କରୁଥିଲା ମୋର,
ଭ୍ରମିଲି ଭୀଷଣ ବିନ୍ଧ୍ୟାଦ୍ରି-କାନ୍ତାର,
ଧୂଆଁଧାରେ * ଯହିଁ ହୋଇ ଶତଧାର
ଭୈରବ ଆରବେ ରେବା ଦେଇ ଲମ୍ଫ
ଜନମାଏ ଜନ-ମାନସେ ପ୍ରକମ୍ପ,
ଶୁଭ୍ର ସ୍ୱଚ୍ଛ ପୟଃ-ପ୍ରପାତ-ସୁଭଗା
ହର-ଜଟା ଭ୍ରଷ୍ଟା ଯଥା ତ୍ରିପଥଗା,
ଶୀକର ଜଳଦେ ବରିତସୁନ୍ଦର
ସୃଜେ ଯହିଁ ଶକ୍ରଧନୁ ମନୋହର,
ଶୁଣିଲି ଶ୍ରବଣେ ସେ ସୁଭୈରବ ରବ,
ଉର୍ଦ୍ଧ୍ୱେ ଦେଖିଲି ସେ ଜଳର ତାଣ୍ଡବ ,
ଭ୍ରମିଲି ଦକ୍ଷିଣାପଥେ ଉପତ୍ୟକା,
ଝିଲ୍ଲି-ଝଙ୍କାରିତ ଅଟବୀ ଦଣ୍ଡକା,
ପଞ୍ଚବଟୀ, ଗିରି, ଚଟିମା, କନ୍ଦରା···
ମହାରଣ୍ୟମାନେ ଚିତ୍ର-କଳେବର,
ଦୂଷଣ-ତ୍ରିଶିରା-ଖର-ଅଧ୍ୟାସିତ
ଜନସ୍ଥାନ ଯାର ଥିଲା ସନ୍ନିହିତ,
ଧାରାସ୍ରାବୀ, ଶ୍ୟାମଗାତ୍ରୀ, ଉଡ଼ୁଦ୍‌ବନ୍ତ—
ପର୍ଜ୍ଜନ୍ୟ ଗର୍ଜନେ କମ୍ପିଲେ ଦିଗନ୍ତ,
ଯହିଁ ମେଘାଲୋକେ ପ୍ରଫୁଲ୍ଲି ଅନ୍ତର,
-ମୈଥିଳୀ-ପାଳିତ କେକୀ-ବଂଶଧର,
ନାଚେ ନୃତ୍ୟକାରୀ ନୀଳକଣ୍ଠ-କେକା
ଅଦ୍ୟାପି ସୂଚଇ ରାମାଶ୍ରମରେଖା,
ଭୀଷଣ କନ୍ଦରା ମଧ୍ୟେ ବସି ତହିଁ
ଗଦ୍‌ଗଦ ଶବଦେ ଗୋଦାବରୀ ଯହିଁ
କୂଳରେ ପଡ଼ୁଛି ଭଗୁ ଦେହେ ଝରି,
ତହିଁ କି ଟିକେ ତୋତେ ନ ଥିଲି ସୁମରି ?

*ନର୍ମଦା ପ୍ରପାତର ନାମ ଧୂଆଁଧାର ।

www.historyofodisha.in

www.historyofodisha.in



ବାତ୍ୟା ଆନ୍ଦୋଳିତ ମହାଭୟଙ୍କର
ଭ୍ରମିଲି ଭୀଷଣ ଗର୍ଜ୍ଜେ ବରୁଣର,
ସନ୍ଧ୍ୟାଁ ଚନ୍ଦ୍ରବାଳେ ଅସ୍ପଷ୍ଟନିପ୍ରଭ
ନୀଳାର୍ଣ୍ଣବ-ଦେହେ ଲଗ୍ନ ନୀଳ ନଭଃ,
ଊର୍ମିପରେ ଊର୍ମି—ଊର୍ମି ତଦୁପରେ
ପୋତ ଗ୍ରାସିବାକୁ ଆସୁଥାଇ ଖରେ,
ସ୍ତବ୍ଧଭାବେ ଏହି ମହାଦୃଶ୍ୟମାନ
ଦେଖିଲି ଭାରତେ ଭ୍ରମି ନାନାସ୍ଥାନ
ଭୀଷଣ, ବିରାଟ, ବିକଟ, ଉଦାର
ଦୃଶ୍ୟ ଦେଖି ହେଲି ବିସ୍ମୟ ଅପାର
ଚିତ୍ତବୃତ୍ତି ଗଲା ନିଜ ପଥ ହୁଡ଼ି
ସତ୍ତା ଗଲା ସେହି ମହାଭାବେ ବୁଡ଼ି,
ଖର ସୌରକରେ ତାରକା ଯେସନ
ଅସ୍ମିତା (୧) ବିସ୍ମୟେ ହେଲା ନିଗମନ,
ଗୁପ୍ତ ପ୍ରାୟେ ତାଙ୍କୁ ଦୂରୁଁ କରି ଭୀତ
ସାକ୍ଷୀ ପ୍ରାୟେ ତୋତେ ସ୍ତୁତୁଥିଲି ନତ;
ଇତର ଜନର ଅବସାଦକର
ଯୋଗୀ ଋଷିଙ୍କ ସେ ସ୍ଥାନ ମନୋହର
ରବି-କରେ ମୃଦୁ କମଳ ଲଭଇ,
ଝାଉଁଳି ପଡ଼ନ୍ତି ଅନ୍ୟ ପୁଷ୍ପ ତହିଁ,
ସେହିପୁଷ୍ପ ପୁଣି ସ୍ନିଗ୍ଧ ଶଶିକରେ
ପିଅନ୍ତି ପୀୟୂଷ ପ୍ରଫୁଲ୍ଲ ଅନ୍ତରେ,
ତୋ ଛବି ଦର୍ଶନେ ସେହିରୂପେ ମନ
ଲଭେ ସୁମଧୁର ଶାନ୍ତି ଆସ୍ୱାଦନ,
ବିରାଟ ନୋହି ତୁ ଯେଣୁ ସୁବୃହତ
ସ୍ତବ୍ଧ ନୋହି ମନ ହୁଅଇ ଉନ୍ନତ;
ଅବସାଦେ ଅବା ଆତ୍ମବିସ୍ମୃତିରେ,
ବୁଡ଼େ ନାହିଁ ମନ ତୋର ରମ୍ୟତାରେ,
ସ୍ନିଗ୍ଧରୂପ ତୋର ଚିତ୍ତ-ଉଲ୍ଲାସକ
ସୁମଧୁର ଦ୍ୱୈତ-ଭାବର ଦ୍ୟୋତକ ।

ସଙ୍ଗୀତ ତୋହର ଚିର ସହଚର,
ନୀଳବକ୍ଷ ତୋର ସଙ୍ଗୀତେ ମୁଖର ;
ଭାସମାନ ଶ୍ୱେତ ପ୍ରାସାଦ ଆକାରେ —
ଗାଆନ୍ତି ବିହଙ୍ଗେ ତରଙ୍ଗ-ଦୋଳାରେ,
ନୀଳତର କରି ଗୁପ୍ତାରେ ତୋ ଅଙ୍ଗ
ଊର୍ଦ୍ଧ୍ୱେ ମେଘାକାରେ ଉଡ଼ନ୍ତି ବିହଙ୍ଗ,
ପକ୍ଷ ଝାଡ଼ି ଶୂନ୍ୟୁଁ ସ୍ଥିରଲକ୍ଷ୍ୟ ହୋଇ
ଜଳ-ମତ୍ସ୍ୟ ତଳୁ ମାରନ୍ତି ଗାଙ୍ଗୋଇ ;
କଳା, ନୀଳ, ପୀତ, ହରିତ, ଲୋହିତ —
ବିହଙ୍ଗମେ ଊର୍ମି କାହିଁ ବିମଣ୍ଡିତ,
ଜଳଦେବୀ-କଳ କିଙ୍କିଣୀ-ନିକ୍ୱଣ
ପ୍ରାୟ ଶୁଭୁଥାଇ ଶବଳ-ନିସ୍ୱନ,
ଯୂଥେ ଯୂଥେ ମତ୍ସ୍ୟ ନିଜ ଶୁଭ୍ରକାନ୍ତି
ନୀଳ ନୀରେ ଡେଇଁ ଉଲ୍ଲାସେ ଦେଖାନ୍ତି,
ଧିକ୍କାର ମୁକ୍ତା-ଶୁକ୍ତି-ବର୍ଣ୍ଣ-ଛଟା
ଶଳ୍କାବୃତ ବପୁ ପ୍ରକଟେ ଭେକଟା ; (୨)
ବିସ୍ରଗନ୍ଧ ଶଙ୍ଖ ପ୍ରାୟେ ବହି ପୃଷ୍ଠ
ଶଙ୍କା ଉପୁଜାଏ ବିକଟ ସାଙ୍କୁଚ,
ଶିଶୁମାର ଖେଳେ ତରଙ୍ଗେ ଓଲଟି,
ଉଠି ବୁଡ଼ଇ ନ ପଡ଼ନ୍ତି କେବେ ପଟୀ,
କଳାମୁଣ୍ଡ ଜଳେ ଛଟକେ ଦେଖାଇ
ବୁଲନ୍ତି ମଗର ଏଣେ ତେଣେ ଧାଇଁ,
କୋଟି କୋଟି ଜୀବେ ଲଭନ୍ତି ଜୀବିକା
ତୋ ଦେହେ ଏରୂପେ ବିଚରି, ଚିଲିକା,
କୋଟି କୋଟି ଜୀବେ ଯୋଗାଇ ଆହାର
ନ ସରଇ ତୋର ଅକ୍ଷୟ ଭଣ୍ଡାର !
କି ଆଶ୍ରିତ, କିବା ଆଗନ୍ତୁକ-ଚୟ
ନିର୍ବିଶେଷେ ସର୍ବେ ପାଆନ୍ତି ଆଶ୍ରୟ,
ଏହି ଯେ ତୋ ନୀଳ-ବକ୍ଷ ତାରକିତ
କରି ବିହରନ୍ତି ହଂସ ଅଗଣିତ,

(୧) ଅସ୍ମିତା—ମୁଁ ଅଛି ଏହି ଜ୍ଞାନ । ( Self-Consciousness )
(୨) ଏହି ମତ୍ସ୍ୟନିମନ୍ତେ ଚିଲିକା ପ୍ରସିଦ୍ଧ ।

www.historyofodisha.in

www.historyofodisha.in



କେବଣ ଦେଶୁଁ ଏ ବର୍ଷେ ବର୍ଷେ ଆସି
କ୍ରୀଡ଼ନ୍ତି ତୋ ଅଙ୍ଗେ ନାନାରଙ୍ଗେ ଭାସି ?
କଳୁଷିତ ବାରି କଳୁଷହାରକ,
କାହାରେ କୁମୁଦ ହାସ ପ୍ରକାଶକ
ଦକ୍ଷିଣାଶା-ବଧୂ ଅବତଂସ ମୋତି
ମହୋଜ୍ଜ୍ୱଳ କୁମ୍ଭ ସମ୍ଭବ ଜ୍ୟୋତି
ଉଇଁଲେ ଆକାଶେ, ଆସ ଦଳେ ଦଳେ
ଦୁରନ୍ତ ଜଳ ଏ କାଳକୋଳାହଳେ,
ଏମାନେ କି ସହଚର ଶରତର,
ଶରତ ସଙ୍ଗତେ ହୁଅନ୍ତି ଅନ୍ତର ?
ଉଜ୍ଜ୍ୱଳ ଶରତ ଲକ୍ଷ୍ମୀ ପରିଜନ—
ପ୍ରାୟ ଦେଶେ ଦେଶେ କରନ୍ତି ଭ୍ରମଣ,
ଶଶାଙ୍କ-ଧବଳା ନିଶା ଜ୍ୟୋତିଷ୍ମତୀ,
କାଶହାସମୟୀ ସ୍ୱଚ୍ଛ ସ୍ରୋତସ୍ୱତୀ,
ମାଲତୀ ବିଶଦ ନିବିଡ଼ ନିକୁଞ୍ଜ,
କୁମୁଦ ଧାବଳ ସରୋବର ପୁଞ୍ଜ,
ଲଭି ସ୍ଥିରତର ଶରତ ପ୍ରସାଦ,
ଏ ସମ୍ପଦର ଏ ଅଟନ୍ତି ଦାୟାଦ,
ନିଜେ ଶୁଭ୍ର, ଶୁଭ୍ରେ କରନ୍ତି ବିହାର,
ଶୁଭ୍ରମୟ ସଦା ଏହାଙ୍କ ସଂସାର;
ଶୁଭ୍ର ଶରତର ଜୟ ବୈଜୟନ୍ତୀ—
ପ୍ରାୟେ ପନ୍ଥ ବାନ୍ଧି ନଭେ ବିହରନ୍ତି ।
କମଳା-ବିଳାସ ଭୂମି ତୋର ତୀର,
ଫଳ ଫୁଲ ଶସ୍ୟ ସଦା ସୁରୁଚିର,
ନାରିକେଳ, ପୂଗ, ପନସ, ରସାଳ,
ମୁଚୁକୁନ୍ଦ, ଚମ୍ପା, କେଶର, ତମାଳ,
ଅଶୋକ ବସନ୍ତ ବିଭବ ବିକାଶୀ,
କଦମ୍ବ ଜଳଦ ଡମ୍ବର ବିଳାସୀ,
ସଦାଶିବପ୍ରିୟ ପଲ୍ଲବ ଶ୍ରୀଫଳ,
ସଦା ଚଳଦଳ ପଲ୍ଲବ ପିପ୍ପଳ,
ପୁରାଣ ଶାଳ୍ମଳୀ ସୁବିଶାଳକାୟ,
ଶ୍ୟେନ ଶ୍ୟେନୀ ଯହିଁ ରଚନ୍ତି କୁଳାୟ,

ଗ୍ରାମ ଦେବତାଙ୍କ ମଣ୍ଡପ-ବିତାନ
ସିନ୍ଦୂରିତ ପୁଷ୍ପ-ଗୁଚ୍ଛେ-ଶୋଭିବାଣ ;
ଶିବାଳୟ ଉପକଣ୍ଠେ କନିଅର
ସୁବର୍ଣ୍ଣ ଚଷକ ଧର ମଧୁପର,
କଣ୍ଠ ସୂତ୍ରରୂପେ ପୁଷ୍ପ ଯାର ଦୋଳେ
ପଲ୍ଲୀ-ବିଳାସିନୀ ଅମଳ କପୋଳେ ;
ବୈଦୂର୍ଯ୍ୟ-କଣ୍ଟକ-ଧାରୀ ତୁଙ୍ଗ ତାଳ
ସରୋବର ତୀରେ ଶୋଭେ ମାଳ ମାଳ,
ମହାନନ୍ଦେ ଯାର ବାହୁଚ୍ଛାୟାଶ୍ରୟେ
ବାୟସୀ ବାୟସବଧୂ ବସନ୍ତି ନିର୍ଭୟେ,
ମୂଳେ କାଳରୂପୀ ଭୀଷଣ ଭୁଜଙ୍ଗ —
ଭ୍ରୂକୁଟି ନ ଗଣି କରୁଥାନ୍ତି ରଙ୍ଗ,
ତାଳୁ ବିଳମ୍ବିତ ସ୍ୱର୍ଣ୍ଣବର୍ଣ୍ଣ ଦୋଳେ
ଦୋଳାନ୍ତି ଶାବକକୁଳେ ସ୍ନେହଭୋଳେ,
ପଦାଶ୍ରିତ ଯାବେ ଛାୟା ପ୍ରଦାୟକ,
କଷ୍ଟ ସହି ପରକଷ୍ଟ ସଂହାରକ,
ବଟଦ୍ରୁମ ଯାର ଯୋଗ୍ୟ ପ୍ରତିବକ
ଭୂ-ସ୍ପର୍ଶୀ ଉଦ୍ଧଳ ସ୍ତମ୍ଭେ ପରିଣତ,
ମରକତ ପତ୍ରେ, ପଦ୍ମରାଗ ଫଳେ
ଯା ବିରାଜ ଗ୍ରାମ ସୀମାନ୍ତ ଉଜ୍ଜ୍ୱଳେ,
ମଧ୍ୟାହ୍ନ ସ୍ଫୁରଇ ଯହିଁ କଳଗିର
ହଳଦବସନ୍ତ ସଙ୍ଗେ ଗୁଣ୍ଡୁଚିର ;
ଏ ଆଦି ପାଦପମାନେ ଅନାବୃତ
ତୀର ପଲ୍ଲୀ ତୋର ସ୍ନିଗ୍ଧ ପୁଲକିତ,
ବୃନ୍ତରେ ପୁଷ୍ପ ତ କେତକୀର ଯହିଁ
ସମୀରଣ ତୋର ନିରତେ ସେବଇ,
କେତେ ଥର ଦେଖିଅଛୁ ଏସବୁମାନ,
ମାତ୍ର ପ୍ରତିଥର ଦିଶେ ଆନ ଆନ ।
ଦୃଷ୍ଟପୂର୍ବ ହୋଇ ଅପୂର୍ବ ପ୍ରତୀତ
ସୁନ୍ଦରପଣର ଚିରନ୍ତନ ରୀତ ;
ସୁନ୍ଦର ତୃପ୍ତିର ଅବସାଦ ନାହିଁ,
ଯେତେ ଦେଖିଲେହେଁ ନୂଆ ଦିଶୁଥାଇ ।

www.historyofodisha.in

www.historyofodisha.in



ତୋ ପଶ୍ଚିମଗିରି ଶୋଭାର ନିଳୟ,
ଦେଖି ନ ଉଲ୍ଲସେ କାହାର ହୃଦୟ !
ଶ୍ୟାମଳରୁ କ୍ରମେ ନୀଳ, ନୀଳତର
ସୋପାନସ୍ୱରୂପେ ଦିଶେ ଶୈଳସ୍ତର,
ଅଭ୍ରଙ୍କଷ ତୁଙ୍ଗ ପ୍ରସ୍ତରୀ-ପ୍ରାଚେସ୍ୱୀ
ଶୋଭେ ଶୋଭାମୟ ଭୂଧର ଖାଲେଶ୍ୱରୀ, (୧)
କ୍ରମନମ୍ର ହୋଇ ନୀଳ ଜଳରାଶି
ଭେଦିଅଛି ଯାର ସୁଶ୍ୟାମଳ ନାସି,
ଛୋଟ ଛୋଟ ହୋଇ ପଡ଼ିଛି ଶିଖ
ଠାବେ ଠାବେ ଯାର ମାର୍ଗ ଗଇଳକ
ସୁଶ୍ୟାମଳ ଗୁଳ୍ମ-ଜଟିଳ ଜଟିଆ (୨)
ଶିଖୁ ମାରେ ଯାର ହୋଇଅଛି ଠିଆ,
ତଳ ଆଡ଼ୁ ଯାକୁ ଚର୍ଜି ସ୍ନାତଦଳ
ପ୍ରସାରନ୍ତି ନିଜ କ୍ଳାନ୍ତବସ୍ତ୍ର କେବଳ,
ତଟବନେ ଯାର ସଜେ ଅନ୍ଧାରୁଆ
ଜଳଦେବୀଙ୍କର କେଳିଯୋଗ୍ୟ ଗୁହା,
ପାଷାଣଭେଦୀରେ(୩) ମଣ୍ଡିତ ତୋରଣ,
ଶଇବାଳସ୍ତରେ ଭିତ୍ତି ସୁଚିକ୍କଣ,
ବସି ଯହିଁ ହ୍ରଦବାସିନୀ ଅମରୀ
ସ୍ୱଚ୍ଛ ମୁକ୍ତାଫଳେ ବାନ୍ଧନ୍ତି କବରୀ,
ବୃକ୍ଷହୀନ, ଶିଳାରୁକ୍ଷ-କଳେବର
ସିଂହେଶ୍ୱରଙ୍କର(୪) ଯାମଳା ଭୂଧର,
ବହଇ ସାଳିଆ ପ୍ରସନ୍ନ-ସଲିଳା, (୫)
ତଟ ଦେଶେ ଯାର ଶୈଳ ଘଣ୍ଟଶିଳା ;
ଇନ୍ଦ୍ରନୀଳକାନ୍ତି ବିଶାଳ ଶୋଳସ୍ତି, (୬)
ଦେଖି ମୋ ମନକୁ ଆସଇ ଏପରି,
ଊର୍ଦ୍ଧ୍ୱେ ଉଠନ୍ତି କି ଭେଦିଣ ଅବନୀ
ମସ୍ତକରଶତ ଯାନେ ବୈରୋଚନ ?
ଅପରାଜିତା'ର ନୀଳମା-ତସ୍କର
ଦୂରେ ଗିରିରାଜ ରାଜେ ମନୋହର,
କରମୁଣ୍ଡାକୃତ ଗିରି ଖଣ୍ଡାହଣା, (୭)
କାନ୍ତାରେ ହୁଅନ୍ତି ପାନ୍ଥେ ଯହିଁ ହଣା ;
ମଧ୍ୟାହ୍ନେ ଅନ୍ଧାର ଜିଣଇ ଅଳନ୍ଧୁ
କନ୍ଦସୀମନ୍ତିନୀ-ସନ୍ତ୍ରାସର ବନ୍ଧୁ ;
ନୀରନ୍ଧ୍ର-ନିବିଡ଼ କୀଚକବଣିଆ,
ଅଭ୍ରଙ୍କଷ-ଶିଖ ଗିରି ଗଞ୍ଜୁଣିଆ, (୮)
ଫଣାଧରାକୃତ ମୈନାକ ଶିଖରୀ
ଯା ଶିରେ ବସନ୍ତି ରଣପୁରେଶ୍ୱରୀ, (୯)
ବାରୁଣୀ-ବଦନେ ଏ ଜଣପଟଳୀ
ଶୋଭେ ଯେସନ୍ତେ ମୃଗମଦ-ପତ୍ରାବଳୀ ।
ପୂର୍ବଦିଗୁଁ ତୋର ଆରୋହି ତରଣୀ
ଆସୁଥିବାବେଳେ, ଏ ତୀର-ଅବନୀ
ଏହି ଦୃଶ୍ୟାବଳୀ ନିଜ ଚିତ୍ରପଟେ
ଦର୍ଶକ ନୟନେ କ୍ରମଶଃ ପ୍ରକଟେ,
ଲୁହିଳଳା ଭେଦି ଯେସନ୍ତେ ଶୈଳକୂଟ
କ୍ରମେ ହେଉଥାନ୍ତି ନଭେ ପରିସ୍ଫୁଟ,
ଜଳୋଦ୍‌ଗତ ଇନ୍ଦ୍ରନୀଳର ଗମ୍ବୁଜ
ପ୍ରାୟେ ଦିଶୁଥାଇ ଦ୍ୱୀପ-ଶୈଳବ୍ରଜ,
ଯେତେ ହେଉଥାଇ ତରୀ ଅଗ୍ରସର,
ଅଲଗା ଦିଶନ୍ତି ଲଗ୍ନ ପରସ୍ପର,
ସ୍ପଷ୍ଟ ହେଉଥାଏ କ୍ରମେ କ୍ରମେ ସ୍ଫୀତ,
ଏକ ବର୍ଣ୍ଣ ନାନା ବର୍ଣ୍ଣେ ରଞ୍ଜିତ,

(୧) ସ୍ୱନାମପ୍ରସିଦ୍ଧ ପ୍ରାଚୀରାକୃତ ବିଶାଳ ପର୍ବତ । ଚିଲିକା କୂଳରେ ଏହାର ଅବସ୍ଥିତି ଅତି ସୁନ୍ଦର । (୨) ସ୍ୱନାମପ୍ରସିଦ୍ଧ ପର୍ବତ । (୩) ପାଷାଣଭେଦୀ—Ferns. (୪) ସ୍ୱନାମପ୍ରସିଦ୍ଧ ପରସ୍ପରସଂଲଗ୍ନ ଯୋଡ଼ିଏ ପର୍ବତ । ମହାଦେବ ସିଂହେଶ୍ୱରଙ୍କ ନାମାନୁସାରେ ନାମିତ । (୫) ବାଣପୁରର ନିକଟବର୍ତ୍ତୀ ପର୍ବତ । ଏହାର ପାଦଦେଶରେ ସାଳିଆ ନଦୀ ପ୍ରବାହିତ । (୬) ଓଡ଼ିଶା ମଧ୍ୟରେ ଏପରି ସୁଦୃଶ୍ୟ ପର୍ବତ ବିରଳ । ବାସ୍ତବରେ ଏହା ଗୋଟିଏ ନୀଳକାନ୍ତମଣି-ଗଠିତ ସ୍ତମ୍ଭପ୍ରାୟ ବୋଧହୁଏ । (୭) ମୋଗଲବନ୍ଦୀର ସର୍ବୋଚ୍ଚ ପର୍ବତ । ଏ ଅଞ୍ଚଳରେ ଅନେକ କନ୍ଧପଲ୍ଲୀ ଅଛି (୮) ରଣପୁର ଅନ୍ତର୍ଗତ ସ୍ୱନାମପ୍ରସିଦ୍ଧ ଶୈଳ । ଏହାର ଶୃଙ୍ଗ ଗଞ୍ଜଣି ପରି ଦିଶେ । (୯) ରଣପୁର ରାଜଧାନୀର ନିକଟବର୍ତ୍ତୀ ବିଶାଳ ପର୍ବତ । ବିରାଟ ସର୍ପାକୃତି ଏହି ପର୍ବତ ଶୀର୍ଷରେ ରଣପୁର ଅଧିଷ୍ଠାତ୍ରୀ ଦୁର୍ଗାଦେବୀଙ୍କ ମନ୍ଦିର ବହୁଦୂରରୁ ଦୃଷ୍ଟ ହୁଏ ।

www.historyofodisha.in

www.historyofodisha.in



ପଲକେ ପଲକେ ହୁଅଇ ପ୍ରକାଶ
ଛାୟା ଆଲୋକର ଅଭଙ୍ଗ ବିଳାସ,
ସାୟନ୍ତନ ଘନ ଖେଳଇ ଗଗନେ
ସୂର୍ଯ୍ୟାସ୍ତର ରୌଦ୍ର ଜାଲକ ବରଣେ,
ଠାବେ ଠାବେ ଅଭ୍ରଖଣ୍ଡ ସ୍ୱର୍ଣ୍ଣକାନ୍ତ
ଶିର ତୋଳି ଶୈଳଶିଖେ ଝାଙ୍କୁଥାନ୍ତି,
ଶୋଭାରାଶି ଫୁଟି ଅନ୍ତରୀକ୍ଷେ, ସ୍ଥଳେ,
ତହୁଁ ତୋ ତରଳବକ୍ଷେ ପ୍ରତିଫଳେ,
ଆହା ଏ ଶୋଭାର କାହିଁ ପଟାନ୍ତର ?
ଥିଲେ ଥିବ ସ୍ୱର୍ଗେ, ମର୍ତ୍ତ୍ୟେ ଅଗୋଚର,
ପାସୋରିବ ଦେଖି, କହ, କେହୁ ଜନ
ଏ ଶୋଭାପାସୋରି ଅପ୍ସରାଭୁବନ ?
ଭାରତୀ-ଭକତ କେଉଁ ରୂପପାୟୀ
ତୃପ୍ତ ହେବ ଏହା ଥରେ ମାତ୍ର ଧ୍ୟାୟି ?
ବଚନ-ବିଷୟ ନୁହଇ ଏ ତତ୍ତ୍ୱ,
ହୃଦ ସେ କେବଳ ପାରେ ଅନୁଭବ ।
ନାନା ତୀର୍ଥଜଳ ଆସି ଦିବା-ନିଶି
ପୂତ କରେ ତୋର ଅଙ୍ଗ ତହିଁ ମିଶି,
ସର୍ବ-ଦେବ-ଦେବୀ ସ୍ନାନେ ପରିହତ
ନୀଳାଚଳ-ପାଦେ ବହେ ଯେ ସତତ (୧)
ପୁନ୍ନାଗ-ଅରଣ୍ୟ-ଲକ୍ଷ୍ମୀ-ଦରପଣ,
ତେଜଃପୁଞ୍ଜ-ଭୃଗୁ-ପ୍ରଭାବେ ପାବନ (୨)
ଭାର୍ଗବୀ, ସ୍ୱର୍ଗର ସୁଗମ ନିଃଶ୍ରେଣୀ,
ମନୋହର ଯାର ନୀଳ-ନୀରବେଣୀ,

ସ୍ନାନକାଳେ ଦ୍ୱିଜକୁମାରୀନିଚୟ —
ମୁଖେ ହସେ ହେମ-ତାମରସମୟ,
ମଞ୍ଜୁ କୁସୁଅନା-କୁଞ୍ଜ-ବିହାରିଣୀ
ଶାନ୍ତି-ଗୋପୀନାଥ-ହୃଦୟ ହାରିଣୀ,
ଦ୍ୱିଜକନ୍ୟା ଲକ୍ଷ୍ମୀ - ସ୍ନାନେ ପୁଣ୍ୟମୟୀ,
ସୌଗନ୍ଧିକ-ଗନ୍ଧେ ଗୃହୁ ରହିଚି ; (୩)
ଦୟା-ତୀର ଧୀର ମୁନୀନ୍ଦ୍ର ଦଧୀଚି—
ଅଭିଷେକକାଳେ ପୂତ ଯାର ବୀଚି, (୪)
ଭବତଳେ ଦିବ୍ୟ-ଦୟା ମୂର୍ତ୍ତିମନ୍ତା,
ଧଉଳୀଦର୍ପଣ ଦୟା-ସ୍ରୋତସ୍ୱତୀ ;
ଭୁବନେଶ୍ୱରଙ୍କ କେଳି ଉପବନ
କଣଲୟ-ଧାମ ଏକାମ୍ର କାନନ —
ଦ୍ରୁମରାଜି-ଛାୟା —ଅଙ୍କାରେ ଯାହାର
ମୃଦୁ କଳନାଦେ ବହେ ସ୍ୱଚ୍ଛ ଧାର, (୫)
ନଦୀ-ମନ୍ଦାକିନୀ ଅମନ୍ଦଗାମିନୀ,
ରଣପୁର ରାଷ୍ଟ୍ର—ବନବିହାରିଣୀ,
ଏ ଆଦି ବିବିଧ ପୁଣ୍ୟତୀର୍ଥ-ସଙ୍ଗ
ଲଭି ପରିପୁଷ୍ଟ ତୋର ନୀଳ ଅଙ୍ଗ,
ନିଜେ ତୀର୍ଥେଶ୍ୱର ସର୍ବ-ତୀର୍ଥାଶୟ
ତୋ ସଙ୍ଗେ କରନ୍ତି ନୀର-ବିନିମୟ ;
ପବିତ୍ର ସୁନ୍ଦର, ସୁନ୍ଦର ପାବନ,
ତୋଠାରେ ହୋଇଛି ଏହା ସଙ୍ଘଟନ ;
ତେଣୁ ସିନା ତୋର ତୀର-ବୀଥାବଳୀ
ଦେବ-ଦେବୀଙ୍କର ପ୍ରିୟ ବାସସ୍ଥଳୀ,

(୧) ଅଠରନଳା ନଦୀ । (୨) କମ୍ବଦନ୍ତୀ ଅଛି ଯେ ଭୃଗୁମୁନି ଏହି ନଦୀକୂଳରେ ତପସ୍ୟା କରିଥିବାରୁ ଏହାର ନାମ ଭାର୍ଗବୀ ହୋଇଅଛି । ଏହି ନଦୀ ତୀରରେ ଅନେକ ପ୍ରସିଦ୍ଧ ବ୍ରାହ୍ମଣ-ଶାସନ ପ୍ରତିଷ୍ଠିତ । ଏହାର ଉଭୟ ତୀର ପୁନ୍ନାଗ ବନାକୀର୍ଣ୍ଣ । (୩) ଏହି ନଦୀ ସ୍ରୋତସ୍ୱତୀ ନ ହେଲେହେଁ ଏହି ଅଞ୍ଚଳର ଗୋଟିଏ ପ୍ରଧାନ ପୟଃ-ପ୍ରଣାଳୀ ଅଟେ । ସତ୍ୟବାଦୀ-ନିବାସୀ ଜଣେ ପଣ୍ଡାର ଲକ୍ଷ୍ମୀନାମ୍ନୀ ଗୋଟିଏ ପରମା ସୁନ୍ଦରୀ କନ୍ୟା ଥିଲା । ସ୍ୱୟଂ ଗୋପୀନାଥ ଏହି ସୁନ୍ଦରୀର ପ୍ରେମରେ ଆସକ୍ତ ହୋଇଥିବାର କମ୍ବଦନ୍ତୀ ଅଦ୍ୟାପି ପ୍ରଚଳିତ ଅଛି । ରାଧିକାଙ୍କ ସୁବର୍ଣ୍ଣ ପ୍ରତିମା ଗଠନାରମ୍ଭ-ଦିନଠାରୁ ଲକ୍ଷ୍ମୀ ପୀଡ଼ିତ ହେଲା ଏବଂ ଯେଉଁଦିନ ସେହି ପ୍ରତିମାର ଜୀବନ୍ୟାସ ହେଲା ସେହି ଦିନ ଲକ୍ଷ୍ମୀର ପ୍ରାଣବିୟୋଗ ହେଲା । ସତ୍ୟବାଦୀରେ ଅନେକ କୁସୁଅନା ଗଛ ଅଛି । (୪) ଦଧୀଚି ମୁନି ଦୟାକୂଳରେ ତପସ୍ୟା କରିବାରୁ ନଦୀର ନାମ ପ୍ରଥମେ ଦଧିଭଦ୍ରା ହେଲା । ଦଧିଭଦ୍ରାର ଅପଭ୍ରଂଶ 'ଦାହୁଆ' ଏବଂ 'ଦାହୁଆ'ର ଅପଭ୍ରଂଶ 'ଦୟା' ହୋଇଅଛି । ଐତିହାସିକ ଧଉଳୀ ପର୍ବତ ଦୟାତୀରରେ ଅବସ୍ଥିତ । (୫) ଗନ୍ଧବତୀ, ଦୟାର ଉପନଦୀ ।

www.historyofodisha.in

www.historyofodisha.in



ତେଣୁ ସିନା ତାରା, ଚଣ୍ଡୀ ଭଗବତୀ (୧)
ସଗର୍ବେ ତୋ ତଟେ ବାନ୍ଧିଲେ ବସତି,
ତେଣୁ ନାଗେଶ୍ୱର-ନିକୁଞ୍ଜ-ବିଳାସୀ (୨)
ପ୍ରଭୁ ଚଣ୍ଡେଶ୍ୱର ତୋ ତୀରବାସୀ ।
ତୋ ଦର୍ଶନେ-କ୍ଷୁଦ୍ର ମନୁଷ୍ୟର ଚିତ୍ତ
ଦେଖେ କାଳେ ହୁଏ ଦୂର-ବିସ୍ତାରିତ,
ଅତୀତର ତୁହି ସାକ୍ଷୀ ପୁରାତନ,
ଦେଖିଲୁ ନରର ଉତ୍‌ଥାନ ପତନ,
କେତେ ରାଜଧାନୀ ତୋ ତୀରେ ଉଠିଥିତ
ହୋଇ ତହିଁ ପୁଣି ହେଲେ ଅସ୍ତମିତ,
ଧୋଉଅଛୁ ତୋର ନୀଳ ଊର୍ମିମାଳ
ଏବେ ତାଙ୍କ କାଳ-ଚର୍ବିତ କଙ୍କାଳ ;
କେତେ ରାଜା, କେତେ ଦିଗ୍‌ବିଜୟୀ ବୀର
ଆଲୋଡ଼ିଲେ ତୋର ସ୍ନିଗ୍ଧ ନୀଳ ନୀର,
ତୋ ଆକାଶ ପୂରି ଜୟ-ବାଦ୍ୟରୋଳେ,
ଉଡ଼ାଇ ବାନା ତୋ ପବନ-ହିଲ୍ଲୋଳେ,
ସଦମ୍ଭେ ବାହିଲେ ତୋର ବକ୍ଷେ ତରୀ
ଅକ୍ଷୟ ଯଶର ଆଶା ବକ୍ଷେ ଧରି,
ଅଭିଯାନେ ତାଙ୍କ ତରୀ-ମେରୁଦଣ୍ଡେ
ଯେ ରେଖା ପଡ଼ିଲା ତୋର ନୀଳ ଗଣ୍ଡେ,
ସେହି ରେଖା ପ୍ରାୟେ ତାଙ୍କ ଯଶମାନ
ଜାତ ମାତ୍ରେ ସିନା ହେଲା ଅନ୍ତର୍ଦ୍ଧାନ !
ବୃଥା ହାଣି, ଆହା, ଲକ୍ଷ ଲକ୍ଷ ମଥା !
କେତେଜନ ପାଇଁ କଲେ କେତେ କଥା
ଯଶରଙ୍କ ହୋଇ ପଦାଙ୍କ ସେ ବୀରର
ରଖି ପାରିଲେ କି ଯଶ ପଦବୀରେ ?
ସୁଲଭ ଯେ ଲକ୍ଷ-ବନ୍ଧକୁଳଯଶଃ
କାଳ କି ସେ ଲକ୍ଷେ କେବେ ହୁଏ ବଶ ?
ଇତିହାସ-ରଙ୍ଗସ୍ଥଳୀ ତୁ ଚିଲିକା,
ତୋର ତୀରେ ପରା ଶ୍ରୀମନ୍ତ ମାଣିକା—
ହସ୍ତେ ଭୁଞ୍ଜିଥିଲେ ସାଦରେ ଲବଣୀ
ଶ୍ୱବଗାମୀ ପ୍ରଭୁ ଭକ୍ତଚିନ୍ତାମଣି ;
ଝଟନେ ତୋର ତୀରେ ବସି ନିକାଞ୍ଚନେ
କାଞ୍ଚି ଯାତ୍ରା କଥା ପଡ଼ିଗଲା ମନେ,
ସ୍ୱପ୍ନେ ଭାସି କାଳସ୍ରୋତ ପ୍ରତି-ଲୋମେ
ଦେଖିଲି ଅମରା ବିରଚିତ ବ୍ୟୋମେ ;
ଧରନ୍ତି କଳ୍ପନା ନାମ ସେ ସୁନ୍ଦରୀ,
ବୀଣାପାଣିଙ୍କର ଚିରସହଚରୀ ,
ଭକ୍ତିଭାବେ ତାଙ୍କୁ କଲି ଆରାଧନା,
ଦିବ୍ୟଚକ୍ଷୁ ମୋତେ ଦେଲେ ଚନ୍ଦ୍ରାନନା,
ଦେଖିଲି ଦୃଶ୍ୟ ମୁଁ ବସି ତୋର ତଟେ,
ଲାଗି ରହିଛି ଯା ସଦା ସ୍ମୃତି-ପଟେ,
ସମୀରେ ଅଙ୍ଗାଲ-ମାଳା ସ୍ଫୀତ କରି
ଦକ୍ଷିଣୁ ଆସିଲା ଶତ ଶତ ତରୀ,
ତରୀରେ ଆସୀନ ସୈନିକ-ନିକର,
ସୌର-କରେ ବର୍ମ ଆୟୁଧ ଭାସ୍ୱର,
ସ୍ୱର୍ଣ୍ଣ-ସୁଦର୍ଶନ—ଲାଞ୍ଛନେ ଲାଞ୍ଛିତ
ଲୋହିତ ପତାକା ବାତେ ଆନ୍ଦୋଳିତ,
ତାଳେ ତାଳେ ପଡ଼ି ତୋ ବକ୍ଷେ କ୍ଷେପଣୀ
ଉଠଇ ଗମ୍ଭୀରେ ଜୟଗୀତ-ଧ୍ୱନି,
ମଧ୍ୟେ ଶୋଭେ ତରୀ ଅତି ମନୋହର
ଗଜଦନ୍ତେ ଗଢ଼ା ଯାର କଳେବର
ରଙ୍ଗ ଚନ୍ଦ୍ରାତପ ସ୍ୱର୍ଣ୍ଣ-ତାରକିତ
ସ୍ଫଟିକସ୍ତମ୍ଭର ଊର୍ଦ୍ଧ୍ୱେ ବିଲମ୍ବିତ,
ଚନ୍ଦ୍ରାତପ-ତଳେ ଝୁଲଇ ମଞ୍ଜୁଳ—
ଝାଲର ପରାଏ ପଦ ସଙ୍ଗେ ଫୁଲ,
ତହିଁ ସିଂହାସନେ ସୁନ୍ଦରୀ ଆସୀନା,
ଜଗତେ ତୁଳନା ସେହି ତାର ସିନା,
ପାରିଜାତ-କୁଞ୍ଜେ ଉଦିତ ସୁନ୍ଦରୀ-
ସମ୍ଭ୍ରମନନ୍ଦନୁ ବାହାରିଲା ପରି,

(୧) ଚିଲିକାତୀରସ୍ଥ ପର୍ବତ-ତଳେ ତାରାଦେବୀ ପ୍ରତିଷ୍ଠିତ । ଶ୍ରୀକ୍ଷେତ୍ରରୁ ୭ କ୍ରୋଶ ଦୂରରେ ଗୋଟିଏ ଉଚ୍ଚ ବାଲୁକାସ୍ତୂପ ଉପରେ ହରଚଣ୍ଡୀ ଦେବୀଙ୍କର ଦେଉଳ ଅବସ୍ଥିତ । ଭଗବତୀ ବାଣପୁରର ଅଧିଷ୍ଠାତ୍ରୀ । (୨) ଏହି ମନ୍ଦିର ପୁରୀ, ଭୁବନେଶ୍ୱର ଏବଂ କୋଣାର୍କ ମନ୍ଦିରର ଚତୁର୍ଥ ସ୍ଥାନୀୟ ଅଟେ । ଏଠାରେ ଅସଂଖ୍ୟ ନାଗେଶ୍ୱର ବୃକ୍ଷ ଦେଖାଯାଏ ।

www.historyofodisha.in

www.historyofodisha.in



ମ୍ଳାନ ମୁଖଚ୍ଛବି ବିଷାଦ-ରେଖାରେ,
ଭ୍ରୂଲତା ଅଙ୍କା କି ଲଜ୍ଜା ତୂଳିକାରେ ?
ଭ୍ରୂମଧ୍ୟେ କୁଙ୍କୁମ-ବିନ୍ଦୁ ସୁମଧୁର,
ବେନି କର୍ଣ୍ଣେ ଶୋହେ ମଣି-କର୍ଣ୍ଣପୂର,
ବୈପରୀତ୍ୟେ ଦ୍ୟୁତି ବଢ଼ାଇ ବିଶେଷେ
କୃଷ୍ଣ କେଶପାଶ ଦୋଳେ ପୃଷ୍ଠଦେଶେ,
ଗନ୍ଧାମୋଦେ ଅନ୍ଧ ହୋଇ ଅଳିକୁଳ
ଗୁଞ୍ଜରି ବାମାକୁ କରନ୍ତି ଆକୁଳ,
ବରଭୃଙ୍ଗେ ଗୂଳି ଲୀଳା-ଅରବିନ୍ଦ
ସମ୍ମୁଖେ ସୁନ୍ଦରୀ ତଡ଼ଇ ମିଳିନ୍ଦ,
ମଣ୍ଡାଇ ସୁମାଳ ନେତ୍ର ପଙ୍କଜାସ୍ୟେ
ଅପାଙ୍ଗ-ମଣ୍ଡନ ଚଳଭୃକୁଟି-ଲାସ୍ୟେ,
ବରଭୃଙ୍ଗେ ଧରି ରଜତ କ୍ଷେପଣୀ
ତରୁଣୀଏ ମିଳି ବାହାନ୍ତି ତରଣୀ ;
କ୍ଷେପଣୀ-କ୍ଷେପଣେ ତୋହରି ସଲିଳେ
ହୀରକର ଉଷ୍ମ ଉଠଲା ସଲିଳେ,
ସୁନ୍ଦରୀର ନେତ୍ର-ଶୋଭା ଅନୁକରି
ତୋ ଜଳେ ଫୁଟିଲେ ରଜତ ଶଫରୀ,
ନୀଳିମାରେ ବାମା-ଗୁଚ୍ଛ-କେଶପାଶ
ତୋ ନୀଳ-ଶାଟକ କଲା ଉପହାସ,
ତେଣୁ କି ତରଙ୍ଗେ ଅପମାନ-ଭରେ
ଶିର ପିଟୁଥିଲେ ତରଣୀ-ପଞ୍ଜରେ ?
କାମିନୀ-ଚିକୁରେ କୁସୁମ-ମୁକୁଟେ
କମଳ-ପାଖୁଡ଼ା ବାତେ ପଡ଼େ ଛୁଟେ,
ସୁନ୍ଦରୀର ତରୀ ସମ ବିଭୂଷିତ
ଗଜଦନ୍ତ ଗଢ଼ା ଅପର ବୋଇତ
ସମସଂଖ୍ୟା ଯୁବା ବର୍ମୋଜ୍ଜ୍ୱଳ ଅଙ୍ଗ,
ତସ୍ୱଦନ୍ତେ (୧) ରଙ୍ଗେ କାଟନ୍ତି ତରଙ୍ଗ,
ତଥିପରେ ମଣ୍ଡିଛନ୍ତି ସିଂହାସନ
ଯୁବା ଦେବାକୃତି, ସିଂହ-ସିଂହାନନ ;
ବଦନଶ୍ରୀ ତେଜ-ଗାମ୍ଭୀର୍ଯ୍ୟ-ବ୍ୟଞ୍ଜକ,
କୃପାଣ ପାଣିରେ କରେ ଜକ ଜକ,
ମୂର୍ତ୍ତି ପରିଗ୍ରହି ଉଦେ କି ସାହସ ?
କିମ୍ବା କ୍ଷାତ୍ର-ଧର୍ମ କିମ୍ବା ବୀରରସ ?
ଋଷିକୁଲ୍ୟା-ତଟୁଁ ସୁବର୍ଣ୍ଣ-ତଟିନୀ—
ଯାଏ ସ୍ଥାପ୍ୟା ଯାର ବ୍ୟାପଇ ମେଦିନୀ,
ଶିରପରେ ଶୋଭି ସେହି ସ୍ୱର୍ଣ୍ଣଛତ୍ର
ଚିହ୍ନାଇ ଦେଉଛି ଉତ୍କଳର ପତି ;
ଘାଟରେ ଦୁର୍ଗଶିରେ ଚଷ୍ଟ କରେ ଧରି
ଦେଖୁଥିଲେ ଦୃଶ୍ୟ ସମ୍ମୁଖେ ପ୍ରହରୀ,
ଗିରିବାସୀ ଯେତେ ସାମନ୍ତ ପ୍ରଧାନ
ଉଚିତ ସମ୍ବାଦେ ଆଗୁଁ ସାବଧାନ
ହୋଇ ଦଳେ ଦଳେ ଥିଲେ ଉପସ୍ଥିତ
ଦେଖି ବାନା ଶସ୍ତ୍ର-ଆୟୁଧ-ଲାଞ୍ଛିତ,
ମସ୍ତକ ନୂଆଇଁ ସର୍ବେ କଲେ ନତ
ପାଶେ ଆସିବାରୁ ତରଣୀ-ପଙ୍କତି
ଗାଇଲେ ମଧୁର କଣ୍ଠେ ବନ୍ଦିଦଳେ
"ହେ ବିଶ୍ୱସୁନ୍ଦରି ! ସ୍ୱାଗତ ଉତ୍କଳେ,
ଜୟ କାଞ୍ଚିଜେମା ବିଶ୍ୱମନୋରମା,
ବିରଞ୍ଚିସୃଷ୍ଟିରେ ତୋହର ଉପମା,
ତୁମ୍ଭ ଆଗମନେ ପବିତ୍ର ଉତ୍କଳ,
ଜାହ୍ନବୀ-ପରଶେ ଯେସନେ ଧରାତଳ,
ଶୋଭିବ ଉତ୍କଳ-ସଦ୍ମେ ସଦାଶୟା,
ସରେ ଯଥା ପଦ୍ମ ପଦ୍ମେ ପଦ୍ମାଳୟା ।
ଜୟ ଅରିନ୍ଦମ ଶ୍ରୀପୁରୁଷୋତ୍ତମ,
ବିଶ୍ୱେ ତୁମ୍ଭେ ବିଶ୍ୱ-ରକ୍ଷା-ବ୍ରତ-କ୍ଷମ,
ଲଭିଲ ଦେଖାଇ ଜଗତେ ଯୋଗ୍ୟତା
ସହଧର୍ମିଣୀରୂପେ ଏ ରୂପ-କଳ୍ପଲତା,
ସୁନ୍ଦର ମଧୁର ବେନିଙ୍କ ମିଳନ,
ଶୌର୍ଯ୍ୟ ସଙ୍ଗେ ଆହା ସୌନ୍ଦର୍ଯ୍ୟ ଯେସନ ;

(୧) ତସ୍ୱଦନ୍ତ—କ୍ଷେପଣୀ ।

www.historyofodisha.in

www.historyofodisha.in



ଛାୟା ସଙ୍ଗେ ଏବେ ମିଳିଲେ ଚନ୍ଦ୍ରମା,
ଶ୍ରୀପତି ସହିତେ ଲୋକମାତା ରମା ;
ଦେବଙ୍କ ସୃଜନେ ବିରଞ୍ଚି-କୌଶଳ
ହେଲା ଦେବଙ୍କର ମିଳନେ ସଫଳ ।”
ବନ୍ଦାପନା ଅନ୍ତେ ବାନ୍ଧବ-ଶବଦ
ଉଠିଲା କମ୍ପାଇ ମହୀ, ବସ୍ତୁପ୍ରଦ,
ଶିରେ ଗିରିଗୁହା ଯୋଗ ଦେଲେ ତହିଁ,
ଅମ୍ବରୀ ନେଲା ତା ଦିଗେ ଦିଗେ ବହି,
ସେ ଉତ୍ସବେ ହୋଇ ହରଷେ ଉଚ୍ଛଳ,
ଚିଲିକା ! ତୋ ସାଥେ ତହିଁ ଦେଲେ ତାଳ,
ସେ ଘୋର ଆଘାତେ ଭାଙ୍ଗିଗଲା ଧ୍ୟାନ,
ଧ୍ୟାନ ସଙ୍ଗେ ଦୃଶ୍ୟ ହେଲା ଅନ୍ତର୍ଦ୍ଧାନ,
ଜାଣିଲି ସେସବୁ କଳ୍ପନାକୌଶଳ ;
ଫେଡ଼ିଲେ ନୟନ ଦେଖିଲି କେବଳ
ଅନନ୍ତ-ନୀଳିମା-ଦ୍ୟୁତି-ବିଭାସିତ
ତୋ ଅମର-ସତ୍ତ୍ୱ ଅଗ୍ରେ ବିରାଜିତ ।
ରୁଦ୍ର ମୂର୍ତ୍ତି ତୋର ରଖୁ ଥୁ ଯୋଡ଼ାଇ,
ଦୁରନ୍ତ ଉତ୍କଳ-ପରିପନ୍ଥୀପାଇଁ,
ସୂର୍ଯ୍ୟକାନ୍ତ ଯଥା ପରଶେ ଶୀତଳ,
ତେଜସ୍ୱୀ ଦର୍ଶନେ ହୁଏ ଉର୍ଜସ୍ୱଳ,
ଶତ୍ରୁ ଦେଖି ତୁହି ସେରୂପେ ଚିଲିକା !
ପ୍ରକଟୁ ପ୍ରଚ୍ଛନ୍ନ ଶକ୍ତି ମାରାତ୍ମିକା,
ସେହି ମୂର୍ତ୍ତି ତୋର ଉତ୍କଳେ ଚଢ଼ାଉ
କରି ଦେଖିଥିଲା ଦୈତ୍ୟ ରକ୍ତବାହୁ,
ତମୋଗୁଣେ ଭଜ ଆୟୁଧ ପିଶାଚୀ
ମନୁଷ୍ୟଙ୍କୁ ଯେହୁ ମଣୁଥିଲା ମାଛି,
ଉତ୍କଳପତ୍ତନ କରି ଭସ୍ମୀଭୂତ
ନରରକ୍ତେ ଧରାକରି ପରିପ୍ଲୁତ
ସର୍ବରତ୍ନପ୍ରସୂ ଭାରତର ସାର
ହଠେ ଲୁଟି କରି ଶ୍ରୀକୋଠଭଣ୍ଡାର

ବିଜୟ-ଉଲ୍ଲାସ-ମଦେ ବାଗ୍ମୀ ତଥା
ବାହୁଡ଼ିଲା ଯେବେ ସ୍ୱଦେଶେ ମସ୍ତସ୍ତ
ତା ଉଲ୍ଲାସ-ଗୀତ ତୋହର ପ୍ରତାପେ
ପରିଣତ ହେଲା ପଲକେ ବିଳାପେ !
ଉତ୍ତରଳେ ଯାଇ ଓଗାଳିଲୁ ବାଟ,
ଆକାଶ ପାତାଳ ଗ୍ରାସିଲେ କୁହାଟ,
କାଳୀଜୟୀ ଶୈଳେ ଦେବୀ ହୈମବତୀ
ଇଷ୍ଟହୋଇ କଲେ ସଙ୍କେତ ତୋ ପ୍ରତି
ଫିଙ୍ଗି ତୋ ତରଙ୍ଗେ ସୁବର୍ଣ୍ଣ ତ୍ରିଶୂଳ,
ସେ ସଙ୍କେତେ ଫେନଚୂଡ଼ ଉର୍ମିକୁଳ
ଉତ୍କେଶିର ଦେବୀ ବାହନ କେଶରୀ-
ପ୍ରାପ୍ତେ ଦଉଡ଼ିଲେ ଗ୍ରାସିବାକୁ ତରୀ,
ତୋ ଇଙ୍ଗିତ ସଙ୍ଗେ ଘେନି ଉର୍ମିଥାଟ
ଦଉଡ଼ି ଆସିଲେ ନୀଳାମ୍ବୁ-ସମ୍ରାଟ ;
ବିଶ୍ୱ-ଧ୍ୱଂସ-ରୁଦ୍ର-ପ୍ରଖର-ନିଶ୍ୱାସ-
ପରାଏ ବହିଲା ବାୟୁ ଅଣଶାଶ ;
ଦୈତ୍ୟହନ୍ତା ବଜ୍ରୀ ଶ୍ୟାମ ବଜ୍ରକରେ
ଜୀମୂତ-ବାହନେ ଉଇଁଲେ ଅମ୍ବରେ ;
ଦମ୍ଭୋଳି ସେକାଳେ କଲା ଘୋର ଧ୍ୱନି,
ଥରହର ହୋଇ କମ୍ପିଲା ଅବନୀ,
ଥରହର କମ୍ପି ଅବନୀ-ସଙ୍ଗତେ
ପର୍ବତକୁ ଡକା ଗ୍ରାସିଲେ ପର୍ବତେ,
ଖାଇଲେସୀ କହିଲା ଶୋଣିତାକ ସାଇ,
ଗଲା ସେ ଆସ୍ରବ ଶୃଙ୍ଗୁ ଶୃଙ୍ଗେ ଧାଇଁ
ତୋ ଉରଦର୍ପଣେ ସଘନେ ବିମ୍ବିତ
ହୋଇ ଚମକିଲା ଜୀମୂତେ ତଡ଼ିତ,
ଦେଖାଇଦେଲା ତୋ ସଂସାର-ମୂରତି,
ପ୍ରକୃତିର ସେହି କରାଳ-ଆରତି ; (୧)
ଯା ଦେଖି ଆତଙ୍କେ ଦୈତ୍ୟ-ଆଖଣ୍ଡଳ
ବିଫଳ ମଣିଲା ନିଜ ଭୁଜବଳ,

(୧) ଲେଖକ ସ୍ୱୟଂ ଥରେ ନିଶୀଥ ସମୟରେ ଚିଲିକାର ଗମ୍ଭୀରତମ ଏବଂ ବିପଦ ସଙ୍କୁଳ ଅଂଶ କାଲୀଜୟୀଗଣ୍ଡରେ ନୌକାଯୋଗେ ଯାଉଁ ଯାଉଁ ଭୟଙ୍କର ଝଟିକା-କବଳନ ପ୍ରାଣସଂଶୟରେ ପଡ଼ିଥିଲେ

www.historyofodisha.in

www.historyofodisha.in



ତା କୃପାଣୁ ଅଛୁ ଶକ୍ତି ବଳବାନ,
ଅକାଳେ ଏ ଜ୍ଞାନ ଲଭିଲା ଅଜ୍ଞାନ,
ଜାଣିଲା ତୋହର କଷାଘାତେ ଶିଖି,
ଦୈବ ନ ଡରଇ ନର-ଭ୍ରୂକୁଟୀକି ;
ତସ୍ମ ଧରି ଊର୍ମି ଫେନ-ଅଟ୍ଟହାସେ
କନ୍ଦୁକ ସଦୃଏ ଫିଙ୍ଗିଲେ ଆକାଶେ,
ହାନ୍ତି ହାନ୍ତି ଡଙ୍କା ପାରି ଧର୍ମଦ୍ରୋହୀ
କେ ଜାଣି ପଡ଼ିଲେ ଛିନ୍ନ ଭିନ୍ନ ହୋଇ,
ସବେଁ ହୋଇଗଲେ ନିର୍ମୂଳ ନିଃଶେଷ,
କେହି ନ ରହିଲେ ଦେବାକୁ ସନ୍ଦେଶ !
କାହିଁ ଗଲା ସେହି ବିଜୟ ଉତ୍ସବ ?
ଭାସିଲା ତୋ ବକ୍ଷେ ବିଜୟୀଙ୍କ ଶବ !
ଆସିଥିଲେ ଯେଉଁ ଉତ୍କଳର ଶତ୍ରୁ,
ଶିଖିଲେ ଉତ୍କଟ ତା'ର ପ୍ରାୟଶ୍ଚିତ୍ତ !
ଭ୍ରୂଭଙ୍ଗରେ ଯାଙ୍କ କମ୍ପିଲା ଭୂତଳ,
ମଥ ତଡ଼ିବାକୁ ଏବେ ନାହିଁ ବଳ !
ଦ୍ୱିସପ୍ତ ଭୁବନ ଯେ ମଣିଲେ ଅଳ୍ପ
ଆଶ୍ରିଲେ ସେ ସପ୍ତ-ଭୂଖଣ୍ଡର ତଳ୍ପ !

ପାଣ୍ଡିଲେଣି ଏବେ ଦେବ ଢକ୍କଭିନ
ଭଲେଶ୍ୱ-ଶିଖରେ ସ୍ୱର୍ଣ୍ଣ-ସିଂହାସନ ;
ଠାବେ ଠାବେ ଗୁମ୍ଫା ପଡ଼ିଣ ଶଇଳେ
ହରିତ ହେଲଣି ପରିଣତ ମାଳେ,
ଗଳ-ଘଣ୍ଟେ ନାଦ ଗିରି-ତଟଦେଶ
ବାହୁଡ଼ନ୍ତି ପଲେ ପଲେ ଗୁରା ମେଷ,
ମହିଷ-ଟିପାର ଗୁନ୍ତୁ ଗୁନ୍ତୁ ଧ୍ୱନି—
ଘୋଷେ ମୁଖରିତ ଅରଣ୍ୟ-ସରଣୀ,
ଗୋଷ୍ଠୁଁ ଧୂମରେଖା ଉଠି ଗିରିପାଦେ
କୁଞ୍ଚିତ ଗତିରେ କାନନେ ଆଚ୍ଛାଦେ,
କଳରବେ ଏଗ୍ର (୧) ଉଡ଼ିଣ ହ୍ରଦରୁ
ଅରଣ୍ୟେ ଲୋଡ଼ନ୍ତି ଯେଝା ନୀଡ଼-ତରୁ,
ପୀତ ଅସ୍ତ-କର ହେବାରୁ ପତିତ
ଟେଣା ଦିଶେ ଯେହ୍ନେ ସୁବର୍ଣ୍ଣମଣ୍ଡିତ,
ରହିଗଳ ବୁଣି ବର୍ମ ଅନ୍ତରାଳେ
ବୁଡ଼ିଲେ ମିହିର ଖାଲେଇର ଉଡ଼ାଳେ,
କେତେ ଯତ୍ନେ ଆହା, କାଦମ୍ବିନୀ ଧନ୍ୟ
ବସ୍ତାଞ୍ଚଳେ ବାନ୍ଧି ନେଉଛି ସେ ମଣି !
ଧରଣୀ ବଦନ ପୀତ ଅସ୍ତରାଗ
ଗୋଳି ଦେଉଛି କି ସୁବର୍ଣ୍ଣପରାଗ,
ଶାରଦ-ଦିନାନ୍ତ-ଲକ୍ଷ୍ମୀ ଲୀଳାମୟୀ
ପ୍ରକାଶନ୍ତି କେତେ ନବ ନବ ଛଇ ।
ବିଶାଳ ଖାଲେଇ ଗୁମ୍ଫା ଜଳସ୍ଥଳ
ଆବରଇ କ୍ରମେ ବ୍ୟାପି ପୂର୍ବାଞ୍ଚଳ,
ପୀତ ଅସ୍ତାତପ ଦୀପ-ବେଣୀ-ମାଥେ
ଲଭିଗଲା ସେହି ମହାଗୁମ୍ଫାପାତେ,
ପଡ଼ିଲା ଚିଲିକା-ବକ୍ଷେ ସନ୍ଧ୍ୟାଲୋକ,
ଶୋକେ ବଧୂ ଛାଡ଼ି ଦୂରେ ଗଲା କୋକ,
ସନ୍ଧ୍ୟାଗତ ହେଉ ହ୍ରଦ-ମାଳୋରସେ
ଆସଇ ଏ ଭାବ ଭାବୁକ-ମାନସେ,
ପ୍ରଚେତା-ପ୍ରବାଳ-ପ୍ରାସାଦର ଚୂଡ଼ି
ନୀଳ-ନୀରୁ ଅବା ଫୁଟି ବାହାରୁଛି ।
କୂଳେ ଦ୍ୱୀପେ, ଶୈଳପାଦପେ ବିହଙ୍ଗେ
ଉଡ଼ିଯାଇ ବସୁଛନ୍ତି ନାନାରଙ୍ଗେ,
ପଶ୍ଚିମା ସନ୍ଧ୍ୟାର ବନ୍ଦାପନାପାଇଁ
ଯତିଏ ଆସନ୍ତି ଶଙ୍ଖକୁ ଫୁଙ୍କାଇ,
ପୂର୍ଣ୍ଣ ପ୍ରାଚେତସୀ (୨) ବର୍ଣ୍ଣ-ବଇଭବେ
ମିଶେ ଦିବା ଯହିଁ ଭୂତ-ମହାର୍ଣ୍ଣବେ ,
ଏଣେ କରେ ବୋଲି ଅମର-ସରଣୀ
ବିରାଜନ୍ତି ଚନ୍ଦ୍ରଚୂଡ଼ ଚୂଡ଼ାମଣି,

(୧) ଚିଲ୍କାନ୍ଦାସୀ ପକ୍ଷିବିଶେଷ । ଏହାର ଶୁଭ୍ର ପକ୍ଷକୁ ପାଇକମାନେ ଭୂଷଣ-ସ୍ୱରୂପ ଟୋପରରେ ସଂଲଗ୍ନ କରନ୍ତି । (୨) ପ୍ରାଚେତସୀ—ପ୍ରଚେତା ଅର୍ଥାତ୍ ବରୁଣ-ଅଧିଷ୍ଠିତ ପଶ୍ଚିମ ଦିଗ ।

www.historyofodisha.in

www.historyofodisha.in



ତାରକଟିଏ ରାଜ ତାରାପତି-ପାଶେ
ବେଦନ ଏ କରନ୍ତ ରାଜ୍ୟ ଅର୍ଦ୍ଧାକାଶେ,
ବାଳ-ଜ୍ୟୋତ୍ସ୍ନା-ନିଯୋଗେ ଧୌତ ପୌରନ୍ଦରୀ
ଭ୍ରମରଙ୍କ ମୁଖେ ବୋଲ ହେଲା ପର, (୧)
ଯେସ୍ତା ରୂପ-ଶୋଭା ଦର୍ପଣରେ ବସି
ଦେଖାନ୍ତି ଗରବେ ପ୍ରାଚୀ ପ୍ରାଚେତସୀ,
ଚନ୍ଦ୍ରାଲୋକେ ଧୌତ ପୂର୍ବାକାଶ, ପୁନଃ
ବାରୁଣୀ ଆକାଶ କୁଙ୍କୁମେ ଅରୁଣ,
ଅର୍ଦ୍ଧାଙ୍ଗ ଈଶ୍ବର, ଅର୍ଦ୍ଧାଙ୍ଗ ପାର୍ବତୀ
ପ୍ରାୟେ ଦିଶେ ତହ୍ ବ୍ୟୋମର ମୂରତି,
ଦିଗ୍‌ବଳୟବ୍ୟାପି ନୀଳ-କଳାରଣ୍ୟେ
ରଞ୍ଜିଲା ଚନ୍ଦ୍ରିକା ନିଜେ ଶୁଭ୍ରବର୍ଣ୍ଣେ ,
ପ୍ରାଚୀ-ମୂଳ ଏବେ ମୀନକ୍ଷୀର-ଜାବେ
ରୁପ୍ୟାକରେ ଶଙ୍ଖ ଦିଶେ ଠାବେ ଠାବେ,
ମହାର୍ଘ୍ୟ ଧରି ସେହୁ ସମ୍ମୁଖ ମୁହାଣେ
ନିଜ ଗୃହ କଥା ଭାବି ଏକଧ୍ୟାନେ
ଝଲେଶ୍ବର ଶିଖରେ ସନ୍ଧ୍ୟାତାରା ଦେଖି
ଆସନ୍ତି ପଟିକା (୨) ମହୋଲ୍ଲାସେ ଟେକ,
ତାଙ୍କ କଣ୍ଠ-କବିସୂର୍ଯ୍ୟ-ଗୀତାମୃତ (୩)
ଦୁହୁଁ ବହିଆଣେ ଚିଲିକା-ମାରୁତ,
ଉଲ୍ଲାସର ଆତ୍ମା ପ୍ରାୟେ ଗୀତ-ତାନ
ଶୁଭ୍ର-ନୀଳ-ବକ୍ଷେ କରେ ଅଧିଷ୍ଠାନ,
ହସନ୍ତ ରୌଦଗେ ମଧୁର-ହାସିନୀ,
ଦିଗଙ୍ଗନା ଜ୍ୟୋତ୍ସ୍ନା-ଦୁକୂଳ-ବାସିନୀ,
ଭାବାନ୍ତର ସୃଷ୍ଟି କ୍ଷଣେ କରେ ଜାତ
"ଗଲାଣି ତ ଗଲା କଥାରେ ସଙ୍ଗାତ",
ସଙ୍ଗୀତ ଆବେଶେ ନାନାରୂପେ ମନ
ଅଜ୍ଞାତ ସ୍ବଦେଶେ କରେ ବିଚରଣ,

ଶୁଭ୍ରଯାଏ ଶୂନ୍ୟେ ଶୂନ୍ୟେ କେଉଁ ସ୍ଥାନେ
କି ଲୋଡ଼ିବା ଆଶେ ସେହି ତା ନ ଜାଣେ,
ଧନ୍ୟ ସେହି ଯାର ଆଜ୍ଞା ଶିରେ ଧରି
ଏ ଲୀଳା ରଚନ୍ତି ଦେବୀ ବାଗୀଶ୍ବରୀ,
ଧନ୍ୟ ରଥେ ! ତୁମ୍ଭ ଜନ୍ମ ଶୁଭକ୍ଷଣେ,
ମୃତ୍ୟୁଞ୍ଜୟ ତୁମ୍ଭେ ଉତ୍କଳଭୁବନେ,
ତୁମ୍ଭ ମାଟି ଦେହ ଗ୍ରାସିଛି ଶ୍ମଶାନ,
ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ ।
ମୀନ-ଆକର୍ଷଣ(ଆଶେ ପୋତପାଳ
ତରଣୀରେ ଜାଳ ଦେଲାଣି ମଶାଲ,
ଭବେ ପାପମୂର୍ତ୍ତି ପରି ଅଟଇ ସେ,
ସ୍ବର୍ଣ୍ଣେ ମାରାତ୍ମକ, ରୂପେ ରମ୍ୟ ଦିଶେ ,
ପାପ-ଗର୍ଭେ ଯେହ୍ନେ ପଡ଼ଇ ଅଜ୍ଞାନ,
ତପ୍ତ-ଗର୍ଭେ ମୀନେ ଡେଇଁ ଦେବେ ପ୍ରାଣ,
ତରଙ୍ଗେ ଦୋହଲ ଦୋହଲ ହୋଇତ
ଥରେ ଦିଶେ ଥରେ ହୁଏ ଅନ୍ତର୍ହିତ,
ଦୁଃଖିମନେ ଆଶା ଉଠିଥାଏ ପତନ —
ପ୍ରାୟେ ଶିଖା ଉଠେ ପଡ଼େ ଘନ ଘନ,
ନିଶାଗମେ କ୍ରମେ ଲୋକ-କୋଳାହଳ
ନିବର୍ତ୍ତି ଅବନୀ ହେଉଛି ନିସ୍ତଳ,
ଜଳ ସ୍ଥଳ ନଭଃ ଜ୍ୟୋତ୍ସ୍ନା ପରିପ୍ଳୁତ,
ସୃଷ୍ଟି ଦିଶେ ଯେହ୍ନେ ପାରଦ-ଧଉତ,
ପ୍ରତିବିମ୍ବରାଜି ଦ୍ବୀପ-ଶୈଳ ତଳେ
ସ୍ବପ୍ନାକାରେ ଶୋଭେ ହ୍ରଦ-ଅନ୍ତସ୍ତଳେ ;
କ୍ଷୀରୋଦ-ସୋଦର ଜ୍ୟୋତ୍ସ୍ନାର୍ଣ୍ଣବେ ଭାସି
ଦିଶନ୍ତି ବିଶଦ ଗିରି, ବନ, ନାସି,
ସ୍ନିଗ୍ଧ ତରୁପନ୍ତେ, ମସୃଣ ଉପଳେ
ଜକଜକ ହୋଇ ଜ୍ୟୋତ୍ସ୍ନା ପ୍ରତିଫଳେ,

(୧) ପୌରନ୍ଦରୀ—ପୂର୍ବଦିଗ (୨) ପଟିକା—ପାଲ । (୩) କବିସୂର୍ଯ୍ୟ ବଳଦେବ ରଥ । ଉତ୍କଳ ସାହିତ୍ୟବିଦ୍‌ମାନଙ୍କଠାରେ ଏ ମହାତ୍ମା ସୁପରିଚିତ । ଏହାଙ୍କର ଗୀତାବଳୀ ଏ ଅଞ୍ଚଳରେ ପ୍ରାୟ ସର୍ବତ୍ର ଗୀତ ହୁଏ । ବଳଦେବ ଜଣେ ସଂସ୍କୃତଜ୍ଞ ପଣ୍ଡିତ ଥିଲେ । ଏହାଙ୍କର ରଚନା ଅତି ବିଶୁଦ୍ଧ ଏବଂ ସୁରୁଚିସମ୍ପନ୍ନ । ବଳଦେବ ଅନ୍ୟାନ୍ୟ ଉତ୍କଳ କବିଙ୍କପରି ବ୍ୟାକରଣର ଅବମାନନା କରିନାହାନ୍ତି । "ଗଲାଣି ତ ଗଲା କଥାରେ ସଙ୍ଗାତ" ଏହା ବଳଦେବଙ୍କର ଗୋଟିଏ ସୁନ୍ଦର କରୁଣରସାତ୍ମକ ଗୀତର ଘୋଷା ।

www.historyofodisha.in

www.historyofodisha.in



ସର୍ପେ ଶସ୍ତ ଚନ୍ଦ୍ରଚୂଡ଼-ତନୁ ଭଳି
ଗୁମ୍ଫା-ମିଶ୍ର-କରେ ଶୋଭେ ବନସ୍ଥଳୀ,
ପ୍ରଶାନ୍ତ, ନୀରବେ ଗିରି ବନ ଦେଶ,
ନାହିଁ ଏଥି ନର ଚହଳର ଲେଶ,
ଦୂର ଝରନାଦ, ଝିଙ୍କାରି ଝଙ୍କାର
କରେ ଜଣାଥିନୀ ପ୍ରସ୍ରବ-ପ୍ରସ୍ୱର
କଳି ଉପଦ୍ରବେ ତ୍ୟଜି ଲୋକାଳୟ
ଶାନ୍ତ କି ଏ ସ୍ଥଳେ ଭଜିଲେ ଆଶ୍ରୟ ?
ଚିଲିକା ! ତୋହର ଏହି ଶୋଭ୍ରବନ (୧)
ବର୍ଣ୍ଣୋଚ୍ଛ୍ୱାସମୟ ଦୃଶ୍ୟ ସାପୁତନ
ଅଟେ ସବଶୋଭ୍ର ସୀମନ୍ତର ଟୀକା,
ପ୍ରକୃତିର ସ୍ମୃତି-ଆଲେଖ୍ୟ-ଶାଳିକା,
ଏ ସୁଖର ମୁହିଁ ନୁହଇ ଭାଜନ,
ମୋ ଭାଗ୍ୟେ ଏ ଥିବା ଭଙ୍ଗୁର ସ୍ୱପନ,
ସଂସାର ନିଗଡ଼େ ସଂସାର-କାରାରେ,
ଯାପିବି ଜୀବନ ସଦା ହାହାକାରେ,
ବନ୍ଦୀ କାରାଗୃହେ ସ୍ମରୁଥାଇ ଯଥା
ଚିରତ୍ୟକ୍ତ ତା'ର ପୂର୍ବ ସ୍ୱାଧୀନତା,
ସଂସାର ନିରଯେ ଅଙ୍ଗ ଦେଇ ତାଳି
କରିବି ଏହାକୁ ସ୍ମୃତିର ଶୃଙ୍ଖଳ ।
ମାଗୁଛି ଚିଲିକା, ମେଲଣି ତୋଠାରେ,
ବାହୁଡ଼ିବି ଏବେ ଦାରୁଣ ସଂସାରେ,
କରିଥିଲି ଆଶା କରିବି ଯାପନ
ତୋ ପଶ୍ଚିମତଟରେ ପଶ୍ଚିମ-ଜୀବନ,
ତନା ପ୍ରୟାସରେ ସୌନ୍ଦର୍ଯ୍ୟ-ପିପାସା
ମେଣ୍ଟିବାର ଥିଲା ତୋହଠାରେ ଆଶା,
ଭାଗ୍ୟ ହୋଇଥିଲେ ତୁଚ୍ଛ-ଅନୁକୂଳ,
ଆଶ୍ରିଥାନ୍ତି ମୁହିଁ ତୋର ରମ୍ୟକୂଳ,
କୁଟୀର ବରଚ ଜଟିଆ-ଚରଣେ
କାଟୁଥାନ୍ତି ଆୟୁ-ଶେଷ ନିକାଞ୍ଚନେ,
ମାତ୍ର ପରଶାତେମ ଗୁମ୍ଫା ବାଜିବତ
ଆଶାରେ ସେ ଆଶା ହେଲା ପରଣତ,
ସଂସାରେ ଥାଇ ମୁଁ ସଦା ଉଦାସୀନ,
ଉଦାସୀନ ପ୍ରାୟେ କଟାଇଲି ଦିନ,
ସଂସାରୀ ସଙ୍ଗରେ ସଙ୍ଗୀ ହେବାପାଇଁ
କେବେହେଁ ମୋହର ମନ ବଳେ ନାହିଁ,
ହସି ଖେଳ ସେହୁ ଗମନ୍ତି ସମୟ,
ଜୀବନ ମଣନ୍ତି ମହୋଚ୍ଛ୍ୱାସମୟ,
ସ୍ଥିର ଭାଗ୍ୟ ମୋଠି ପିତ୍ୱର ପାଷାଣେ,
ମୋ ଜୀବନ ଗଢ଼ା ଅନ୍ୟ ଉପାଦାନେ,
ଶିର ହାହାମୟ ଏ ସ୍ଥିର ଜୀବନ,
ଜୀବନ ନୁହଇ, ଜୀବନ୍ତ ମରଣ !
ଚିରଦିନ ଦୁଃଖ-ପ୍ରହାରେ ଜର୍ଜର,
ପକ୍ଷିଶିଷ୍ୟ ମୁହିଁ ଦୁଃଖ ଗୁରୁଙ୍କର,
ଦୁଃଖଦତ୍ତ ଜ୍ଞାନ-ଚକ୍ଷୁରେ ଜଗତ
ଦେଖିବାରେ ମୁହିଁ ଅଭ୍ୟସ୍ତ ସତତ,
ସୁଖ ବୋଲି ଯାକୁ ବୋଲଇ ସଂସାର,
ଜନୁଥାଇ ତାକୁ ଦୁରୁଁ ମୁଁ ଜୁହାର
ସୁଖରୂପେ ଯାହା ଜନନେତ୍ରେ ଦିଶେ,
ହାତେ ଆସେ ହାତୁଁ ପଳିବା ପାଇଁ ସେ,
ବସ୍ତୁ ନୁହଇ ସେ ଅଟଇଟି ଧୂମ,
ଅନ୍ୟନାମ ତା'ର ଆକାଶ କୁସୁମ,
ତୋହର ପୁଲକେ ମୃଗତୃଷ୍ଣା-ପ୍ରାୟେ
ମନମୃଗକୁ ସେ ଜଗତେ ଭ୍ରମାଏ,
ସେ ସୁଖେ ନ ଥିଲା କେବେ ମୋର ସ୍ପୃହା,
ଲକ୍ଷ୍ୟ ଥିଲା ମାତ୍ର ତୋର ଶିରଗୃହା,
ଶାନ୍ତିରସାସ୍ପଦ ସେହି ଦଣ୍ଡ-କୋଳେ
ବାଗ୍‌ଦେବୀ-ଚରଣ ପୂଜିବ ଝଟ୍ରୋଲେ,
ପୂଜିଲେ ଯେସନ ମର୍ତ୍ତି ନିରଜନେ
ତୋ ମଧୁର ରୂପ-ମଧୁ-ଆସ୍ୱାଦନେ

(୧) ଶୋଭ୍ରବନ—ସୁନ୍ଦର । ହିନ୍ଦୀ ଶୋହାବନ ଶବ୍ଦର ଅପଭ୍ରଂଶ ।

www.historyofodisha.in

www.historyofodisha.in



ଭାଗ୍ୟବାନ ଦେବ ବାଣୀଙ୍କ କୁମର—
ନୃପ ବଳଦେବ, ଭଞ୍ଜ ବୀରବର, (୧)
କାହିଁ ସେହି, କାହିଁ ମୁହିଁ ଅକିଞ୍ଚନ ?
ଦେଖୁଥିଲି ସିନା ଜାଗ୍ରତ ସ୍ୱପନ !
ଆଶାମଦେ ମତ୍ତ ହୋଇ କେତେ ଥର
ଭୁଲାଇଲି ମନ-ମୋଦକେ ଉଦର,
ନ ଦେଖି ମୋହର ଜୀବନ-ପଞ୍ଜିକା
ଗଢ଼ୁଥିଲି ବସି ମନ-ଅଟ୍ଟାଳିକା,
ତୋଳୁଥିଲି ସିନା ବ୍ୟୋମ-ପୁଷ୍ପମାନ,
କରୁଥିଲି ମୃଗତୃଷ୍ଣା-ଜଳେ ସ୍ନାନ,
ଅଚିରେ ପଡ଼ି ଶ୍ୟାମ ଭବିତବ୍ୟ-ଛାୟା
ପଲକେ ଛୁଟିଲା ସେ ମୋହନ-ମାୟା,
ସେ ଛାୟା-ଅନ୍ଧାରେ ଦେଖିଲି ଭୀଷଣ
ନୈରାଶ୍ୟ ପ୍ରେତର ବିକଟ ନର୍ତ୍ତନ,
ଶୁଭ୍ର ଛବି ତୋର ସେହି ବର୍ତ୍ତିକା
ଛଡ଼ି ଦେଲା ମନ୍ଦ ନିମିଷେ, ଚିଲିକା !
ଦେବୀ ବୀଣାପାଣି ! କେଉଁ ପାପମଳେ
କରୁଣା ତୋହର ଊଣା ଏ ଉତ୍କଳେ ?
ସ୍ୱଭାବେ ଉତ୍କଳ ଶୋଭାର ନିଧାନ,
ମାତ୍ର ଏ ଶୋଭାରେ ତୋର ଅଧିଷ୍ଠାନ —
ବିନୁ ସିନା ମାତା ହୋଇଛି ବିବଶା,
ଭଜିଛି ଅରଣ୍ୟ-ପ୍ରସୂନର ଦଶା,
କ୍ଷୁଦ୍ର ଶିପ୍ରା-ସ୍ରୋତ ବିଖ୍ୟାତ ଜଗତେ, (୨)
ମହାନଦୀ ନାମ ରହିଲା ଗୁପତେ !
ସୁରୂପା ଅଂଶୁପା ଲୋକେ ଅଗୋଚର ! (୩)
ପୂଜାସ୍ପଦ ହେଲା ଗୋଷ୍ପଦ-ପୁଷ୍କର ! (୪)
ତୋର କୃପାବଳେ କ୍ଷୁଦ୍ର ମହାସ୍ଥାନ
ତୋ କୃପା ବିହୁନେ ବଡ଼ ହୁଏ ସାନ,
ଖର୍ବ ଗୋବର୍ଦ୍ଧନ ଗିରୀନ୍ଦ୍ର ବୋଲାଏ, (୫)
ମହାତୀର୍ଥରୂପେ ଲୋକେ ପୂଜା ପାଏ,
ସ୍ୱଭାବେ ଗିରୀନ୍ଦ୍ର ହୋଇ ମେଘାସନ
ଲଭିନାହିଁ ଗିରି-ସମାଜେ ଆସନ ।
ତୋ କୃପା ବିହୁନେ ଉତ୍କଳମାତାର
ନାମେ ଖ୍ୟାତିରତ୍ନେ ପଡ଼ିନାହିଁ ଗାର,
ଭାଗ୍ୟଦୋଷେ ଅଙ୍ଗ ଅଜ୍ଞାନ-ଶର୍ବରୀ—
ଅନ୍ଧାରେ ଅଭାଗୀ ରହିଛି ଆବରି ।
ପାହିଲାଣି ଘୋର ତାମସୀ-ଯାମିନୀ,
ଫୁଟିବ ଉତ୍କଳ-ଭାଷା-କମଳିନୀ,
ଏ ଘୋର ଯାମିନୀ-ଅବସାନ-ଶଂସୀ
କାବ୍ୟତାରାରୂପେ ବୀର ଗଙ୍ଗବଂଶୀ (୬)
ଉଦିଲେ ପ୍ରଥମେ ବାମଣ୍ଡା-ରାଜନ
ବାସୁଦେବ ବିଶ୍ୱ-କଲ୍ୟାଣ-ଭାଜନ,
ରଖିଲେ ସୁନାମ ଯେହ୍ନେ କାଳେ କାଳେ
ଗୁଣପଣ୍ଟେ ଖୋଳି ଯଶୋଗିରିଭାଳେ,
ତମଃ ପଳାଉଛି ହୋଇ ତରତର,
ପ୍ରାଚୀନଭଃ ନବ-ବିଭାରେ ଭାସ୍ୱର,
ରବିରୂପେ ଏବେ ଉଦୟ-ଅଚଳେ
ଭଞ୍ଜ-ବଂଶ-ମଣି ଉଦିତ ଉତ୍କଳେ, (୭)

(୧) ବଳଦେବ ରଥ ଚିଲିକାକୂଳସ୍ଥିତ ଖଲ୍ଲିକୋଟ-ନିବାସୀ ଥିଲେ । ଉପେନ୍ଦ୍ର ଭଞ୍ଜ ଚିଲିକାକୂଳସ୍ଥିତ ବାଣପୁରରେ ବିବାହ କରି ସେଠାରେ କିୟତ୍‌କାଳ ଅତିବାହିତ କରିଥିଲେ । ବାଣପୁର ରାଜକନ୍ୟା କାବ୍ୟଶାସ୍ତ୍ର-ବିନୋଦିନୀ ଥିଲେ ଏବଂ କାବ୍ୟ-ରଚନାରେ ଭଞ୍ଜ-କବିଙ୍କର ପ୍ରଧାନ ସହାୟ ଥିଲେ (୨) ଶିପ୍ରା—ଉଜ୍ଜୟିନୀର ନିକଟବର୍ତ୍ତୀ ନଦୀ । ଏହି ନଦୀ ସଂସ୍କୃତସାହିତ୍ୟରେ ପ୍ରସିଦ୍ଧ । (୩) ବାଙ୍କି ଅନ୍ତର୍ଗତ ସୁରମ୍ୟ ହ୍ରଦ । ଓଡ଼ିଶାରେ ଏହାର ସୌନ୍ଦର୍ଯ୍ୟ ଅତୁଳନୀୟ । (୪) ଆଜମିର ନିକଟବର୍ତ୍ତୀ ହ୍ରଦ—ଆକୃତିରେ ଏହା ଅଂଶୁପାର ଦଶମାଂଶ ସୁଦ୍ଧା ହେବ ନାହିଁ । (୫) ମଥୁରାର ନିକଟବର୍ତ୍ତୀ ଗୋବର୍ଦ୍ଧନ ଓଡ଼ିଶାର କୌଣସି କୌଣସି ପୁଷ୍କରିଣୀର ହୁଡ଼ା ଅପେକ୍ଷା ଅଧିକ ଉଚ୍ଚ ନୁହେଁ । (୬) ବାମଣ୍ଡାର ମହାରାଜ ସୁଚଳଦେବ ଗଙ୍ଗବଂଶୀୟ ଅଟନ୍ତି । (୭) ମୟୂରଭଞ୍ଜର ରାଜବଂଶ 'କୌଶେୟ' ଅର୍ଥାତ ରାମଚନ୍ଦ୍ରଙ୍କ ଜ୍ୟେଷ୍ଠପୁତ୍ର କୁଶଙ୍କ ବଂଶୋଦ୍ଭୂତ ଅଟନ୍ତି ।

www.historyofodisha.in

www.historyofodisha.in



ଶ୍ରୀମାନ ଶ୍ରୀରାମଚନ୍ଦ୍ର-ଆଖ୍ୟାଧାରୀ ;
ଉତ୍କଳ-ଅଜ୍ଞାନ-ତମୋଧ୍ୱଂସକାରୀ,
ସୌଦାମିନୀ-ଲାସ୍ୟେ ସମୁଜ୍ଜ୍ୱଳ-ଶିଖ —
ମେଘାସନ-କୁଞ୍ଜ-ବିହାର-ରସିକ,
ଅଶ୍ୱ-ସଂଚାଳନେ ଅଦ୍ଭୁତ-କୌଶଳୀ,
ଦୁଷ୍ଟ-ଭେଦଧାର ବଜ୍ରନାଦୀ ନଳୀ,
ବୀଣାପାଣି-ପୂଜାଯୋଗ୍ୟ-କଞ୍ଜକୁଳ
ଫୁଟିବାର ଏହି କାଳ ଅନୁକୂଳ,
ଯେ ପଦ୍ମ ଫୁଟିବ କବି-ହୃଦ-ସରେ
ନବୋଦ୍ଗତ ଏହି ଭଞ୍ଜ-ରବି-କରେ,
ପୂଜିବେ ତୋ ପଦ ଉତ୍କଳ ସନ୍ତତି
ସେହି ପଦ୍ମେ, ପଦ୍ମବାସିନି ଭାରତି !
ଚିଲିକା, ତୋ ତୀର ବନ୍ଧୁର ଲଳିତ
ସେହି ରବିକରେ ହେବ ଆଲୋକିତ,
ବାଣୀ-ଆବିର୍ଭାବ-ଯୋଗ୍ୟ ସ୍ଥଳ ଜାଣି
ଆଶ୍ରିବେ ତୋ ତୀର ବୁଧ କବି ଜ୍ଞାନୀ,
ହୋଇ ତୁ ତାଙ୍କର ବିହାର-ତଡ଼ାଗ
ଲଭିବୁ ଅଖିଳ-ଜନ-ଅନୁରାଗ ।



www.historyofodisha.in